# ପରୀକ୍ଷା ପରେ ଶତ୍ରୁର ଫାଟକକୁ ଅଧିକାର କରିବା

ଆଶ୍ଚର୍ଯ୍ୟ କରେ ଯେ…ଆପଣମାନେ ଜାଣନ୍ତି, ମୋର ଗୋଟିଏ ଛୋଟ ଧାରଣା ଅଛି, ଯେପରିକି, ଲୋକମାନଙ୍କୁ ଛିଡ଼ା ହୋଇଥିବାର ଦେଖିବା ଯେତେବେଳେକି ଆମେମାନେ ବାକ୍ୟ ପାଠ କରୁ । କଅଣ ଆପଣ ତାହା ପସନ୍ଦ କରନ୍ତି ନାହିଁ? ଆମେମାନେ ପ୍ରତିବଦ୍ଧତାର ଶପଥ ହେତୁ ଛିଡ଼ା ହୋଇଥାଉ, ଆମେମାନେ ଆମର ରାଷ୍ଟ୍ର ପାଇଁ ଛିଡ଼ା ହୋଇଥାଉ, ତାହାହେଲେ ବର୍ତ୍ତମାନ ବାକ୍ୟ ପାଇଁ କାହିଁକି ଛିଡ଼ା ହେବା ନାହିଁ?

2 ଯେତେବେଳେ ଆମେମାନେ ଗୋଟିଏ ମିନିଟ୍ ପାଇଁ ମାତ୍ର ଛିଡ଼ା ହୋଇଅଛୁ । ଅଧିକ ସମୟ ହେବ ନାହିଁ, ମୁଁ ଏକ ଲେଖ ପଢୁଥିଲି, ଏବଂ ଗତ ରାତ୍ରି ମୁଁ ସେହି ଲୋକମାନଙ୍କ ବିଷୟରେ ଚିନ୍ତା କରୁଥିଲି ଯେଉଁମାନେକି ଖ୍ରୀଷ୍ଟଙ୍କ ପାଇଁ ଛିଡ଼ା ହୋଇଥିଲେ । ଯଦି ଆପଣ ତାହା କରି ନାହାଁନ୍ତି, ତେବେ କଅଣ ଆପଣ ତାହା ଆଜି କରିବେ ନାହିଁକି?

3 ପ୍ରାୟଃ ପଞ୍ଚ-ସ୍ତରି ବର୍ଷ ପୂର୍ବେ, ସେଠାରେ ଜଣେ ମହାନ୍ ସୁସମାଚାର ପ୍ରଚାରକ ଥିଲେ, ମୁଁ ବର୍ତ୍ତମାନ ତାଙ୍କ ନାମ ଚିନ୍ତା କରିପାରୁ ନାହିଁ । ମୁଁ ଭାବୁଛି ତାହା ଆର୍ଥର୍ ମ୍ୟାକକଏ ଥିଲେ, ଏବଂ ସେ ଇହ ଜଗତ ପାର କରି ଆରପାରିକୁ ଚାଲି ଯାଇଥିଲେ । ଆଉ ଗୋଟିଏ ରାତ୍ରି ସେ ଏକ ସ୍ୱପ୍ନ ଦେଖିଲେ ଯେ ସେ ମହିମାକୁ ଚାଲି ଯାଇଥିଲେ । ପୁଣି କହିଲେ ଯେ ସେ ଫାଟକ ନିକଟକୁ ଗଲେ, ଆଉ ସେ କହିଲେ ଯେ ସେମାନେ ତାଙ୍କୁ ଭିତରକୁ ଯିବାକୁ ଦେଲେ ନାହିଁ । ଆଉ କହିଲେ ଯେ ସେ କହିଲେ, "ମୁଁ ଯୁକ୍ତରାଷ୍ଟ୍ର ଆମେରିକାରୁ ଆର୍ଥର୍ ମ୍ୟାକକଏ । ମୁଁ ଜଣେ ସୁସମାଚାର ପ୍ରଚାରକ ଅଟେ ।"

4 ଏଣୁ ସେହି ଦ୍ୱାରପାଳ ଭିତରକୁ ଗଲେ, (ବର୍ତ୍ତମାନ ଏହା ଏକ ସ୍ୱପ୍ନ ଥିଲା), ଏବଂ ସେ ଭିତରକୁ ଗଲେ, କହିଲେ, "ମୁଁ ଆପଣଙ୍କ ନାମ ଆଦୌ ପାଇପାରୁ ନାହିଁ ।"

ସେ କହିଲେ, "ତେବେ, ମୁଁ ଜଣେ ପ୍ରଚାରକ ଥିଲି ।"

ସେହି ଦ୍ୱାରପାଳ କହିଲେ, "ମହାଶୟ, ମୁଁ…"

5 ସେ କହିଲେ, "ତେବେ, କଅଣ ଏହା ସମ୍ଭବ ଅଟେ ଯେ…କିଛି ଗୋଟାଏ ଭୁଲ୍ ଥିବ ।"

6 ସେହି ଦ୍ୱାରପାଳ କହିଲେ, "ନା, ମହାଶୟ । ମୋ ପାଖରେ ଏଠାରେ ପୁସ୍ତକ ଅଛି । ମୁଁ ଆପଣଙ୍କ ନାମ ଆଦୌ ପାଇପାରୁ ନାହିଁ ।"

ଏଣୁ ସେ ପଚାରିଲେ, "ତେବେ, କଅଣ ମୁଁ ତାହା ବିଷୟରେ କିଛି କରିପାରିବି କି?"

7 ସେହି ଦ୍ୱାରପାଳ କହିଲେ, “ଆପଣ ନିଜର ମାମଲାକୁ ଶ୍ୱେତ ସିଂହାସନ ବିଚାରରେ ଶୁଣାଣୀ ନିମନ୍ତେ ଆବେଦନ କରିପାରନ୍ତି।” ପରମେଶ୍ୱର, ସାହାଯ୍ୟ କରନ୍ତୁ। ମୁଁ ସେଠାରେ ରହିବାକୁ ଚାହେଁ ନାହିଁ।

8 ସେ କହିଲେ, “ଠିକ୍ ଅଛି, ଯଦି ତାହାହିଁ ମୋର ଏକମାତ୍ର ଭରସା, ତାହାହେଲେ ମୁଁ ଭାବୁଛି ଯେ ମୁଁ ମୋର ମାମଲାକୁ ଆବେଦନ କରିବି।”

9 ଆଉ କହିଲେ ଯେ ତା’ପରେ ସେ ଭାବିଲେ ସେ ବହୁତ ଦୂରକୁ ଚାଲିଗଲେ, ଏବଂ କେବଳ...ଆଉ ଯେତେବେଳେ ସେ ଆରମ୍ଭ କଲେ, କହିଲେ ଯେ ତାହା ଅନ୍ଧକାର ଥିଲା, ଏବଂ ହାଲୁକା ଆଲୁଅ ଦିଶିଲା ଓ ଟିକେ ଅଧିକ ଆଲୁଅ ଦିଶିବାକୁ ଲାଗିଲା, ଏବଂ କହିଲେ ଯେ ଏପରି ଲାଗୁଥିଲା ଯେ ଏହି ଆଲୋକଟି କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ଅଟକିଲା ନାହିଁ, ମାତ୍ର ସେ ତାହାର ଠିକ୍ କେନ୍ଦ୍ର ଭାଗରେ ଥିଲେ। ଏବଂ କହିଲେ ଯେ ସେ ପଚାରିଲେ, “କିଏ ମୋହର ବିଚାର ସିଂହାସନ ନିକଟକୁ ଆସିଛି?”

10 ସେ ଉତ୍ତର ଦେଲେ, “ମୁଁ ଆର୍ଥର୍ ମ୍ୟାକକଏ। ମୁଁ ଜଣେ ସୁସମାଚାର ପ୍ରଚାରକ, ଅନେକ ପ୍ରାଣଗୁଡ଼ିକୁ ରାଜ୍ୟକୁ ପ୍ରେରଣ କରିଅଛି।”

ସେ ପଚାରିଲେ, “କଅଣ ତୁମର ନାମ ପୁସ୍ତକରେ ମିଳିଲା ନାହିଁ କି?”

“ନା।”

କହିଲେ, “ତେବେ ତୁମେ ମୋ ନ୍ୟାୟାଳୟରେ ଆବେଦନ କରିଅଛ?”

“ହଁ, ଆଜ୍ଞା।”

11 “ତୁମେ ନ୍ୟାୟ ପାଇବ। ମୁଁ ମୋର ନିୟମ ଦ୍ୱାରା ତୁମର ବିଚାର କରିବି। ଆର୍ଥର୍ ମ୍ୟାକକଏ, ତୁମେ କେବେ ଏକ ମିଛ କହିଛ କି?”

12 ସେ କହିଲେ, “ମୁଁ ଭାବୁଥିଲି ଯେ ମୁଁ ଜଣେ ବହୁତ ଭଲ ମଣିଷ ଥିଲି ଯେପର୍ଯ୍ୟନ୍ତକି ମୁଁ ସେହି ଆଲୋକରେ ଛିଡ଼ା ନ ହେଲି।” ସେ କହିଲେ, “ମାତ୍ର ସେହି ଆଲୋକର ଉପସ୍ଥିତିରେ, ମୁଁ ଜଣେ ପାପୀ ଥିଲି।” ଆମେମାନେ ସମସ୍ତେ ତାହା ହେବା। ଆପଣ ବର୍ତ୍ତମାନ ସୁରକ୍ଷିତ ଅନୁଭବ କରୁ ଥାଇପାରନ୍ତି, ମାତ୍ର ଆପଣ ସେଠାକୁ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ଏଠାରେ ତାହା କିପରି ଅନୁଭବ ହୁଏ ବୋଲି ଆପଣ କଅଣ ଭାବନ୍ତି ଯେତେବେଳେ ସେ ଅଭିଷେକ କରୁଥାଆନ୍ତି? ଆପଣ କେତେ ଛୋଟ ବୋଲି ଅନୁଭବ କରିପାରନ୍ତି! ତେବେ ସେହି ଶ୍ୱେତ ସିଂହାସନ ବିଚାରରେ ତାହା କଅଣ ହେବ?

ସେ ପଚାରିଲେ, “କଅଣ ତୁମେ କେବେ ଏକ ମିଛ କହିଛ କି?”

13 ସେ କହିଲେ, “ମୁଁ ଭାବୁଥିଲି ଯେ ମୁଁ ସତ୍ୟବାଦୀ ରହିଆସିଛି, ମାତ୍ର କେତେକ ଛୋଟ ଛୋଟ ବିଷୟମାନ ଥିଲା ଯାହାକି ମୁଁ ଭାବୁଥିଲି ଯେ ତାହା କ୍ଷତିଶୂନ୍ୟ ତୁଚ୍ଛ ମିଛଗୁଡ଼ିକ ଥିଲା, ସେଗୁଡ଼ିକ ସେଠାରେ ବଡ଼ ବଡ଼ ଏବଂ ଅନ୍ଧକାରମୟ ହୋଇଗଲା।”

ସେ ଉତ୍ତର ଦେଲେ, "ହଁ, ଆଜ୍ଞା, ମୁଁ ଏକ ମିଛ କହିଛି ।"

ସେ ପଚାରିଲେ, "କ'ଣ ତୁମେ କେବେ ଚୋରି କରିଛ କି?"

14 ସେ କହିଲେ, "ମୁଁ ଭାବୁଥିଲି ଯେ ମୁଁ ଏହା ବିଷୟରେ ସଚ୍ଚୋଟ ଥିଲି, ଏବଂ କେବେ ଚୋରି କରି ନ ଥିଲି," ମାତ୍ର କହିଲେ, "ସେହି ଆଲୋକର ଉପସ୍ଥିତିରେ, ମୁଁ—ମୁଁ ଅନୁଭବ କଲି ଯେ ଏପରି କିଛି ବେପାରଗୁଡ଼ିକ ଥିଲା ଯାହାକି ମୁଁ କରିବାରେ ସକ୍ଷମ ହୋଇଥିଲି, ଯାହା ଠିକ୍ ନ ଥିଲା ।"

ସେ ଉତ୍ତର ଦେଲେ, "ହଁ, ଆଜ୍ଞା, ମୁଁ ଚୋରି କରିଛି ।"

ସେ କହିଲେ, "ମୋର ବିଚାର..."

15 ଏବଂ ସେ ତାଙ୍କର ଫୈସଲା ପ୍ରାୟଃ ଶୁଣିବା ଉପରେ ହିଁ ଥିଲେ, "ସଦାକାଳ ନିମନ୍ତେ ଅଗ୍ନିକୁ ନିକ୍ଷେପ କରାଯାଉ ଯାହାକି ଶୟତାନ ଏବଂ ତାର ଦୂତମାନଙ୍କ ପାଇଁ ପ୍ରସ୍ତୁତ ହୋଇଥିଲା," କହିଲେ ଯେ ପ୍ରତ୍ୟେକଟି ହାଡ଼ ଯେପରି ଭାଙ୍ଗି ଚୂର୍ଣ୍ଣ ହୋଇ ଯାଉଥିଲା ।

16 କହିଲେ, "ମୁଁ ମୋ' ଜୀବନରେ କେବେ ଶୁଣିଥିବା ସବୁଠୁଁ ମଧୁର ସ୍ୱର ଶୁଣିଲି ।" ସେ କହିଲେ, "ଯେତେବେଳେ ମୁଁ ଦେଖିବା ପାଇଁ ବୁଲି ପଡ଼ିଲି, ସେତେବେଳେ ମୁଁ ଦେଖିଥିବା ସବୁଠୁଁ ମଧୁର ମୁଖମଣ୍ଡଳ ଦେଖିଲି; ଗୋଟିଏ ମାଆର ମୁଖଠାରୁ ମଧ୍ୟ ଅଧିକ ମଧୁର, ମୋ ମାଆ ମୋତେ କେବେ ଡାକିଥିବା ଅପେକ୍ଷା ଅଧିକ ମଧୁର ସ୍ୱର ଶୁଣିଲି ।" କହିଲେ, "ମୁଁ ଚାରିଆଡ଼େ ଅନାଇଲି । ମୁଁ ଏକ ସ୍ୱର ଶୁଣିଲି, କହିଲା, 'ପିତା, ଏହା ସତ ଅଟେ, ସେ ମିଥ୍ୟା କହିଛି ଏବଂ ସେ ସଚ୍ଚୋଟ ରହିନାହିଁ । ମାତ୍ର, ତଳେ ପୃଥିବୀରେ ସେ ମୋ ପାଇଁ ଛିଡ଼ା ହୋଇଥିଲା,' କହିଲା, 'ବର୍ତ୍ତମାନ ମୁଁ ତାହା ସ୍ଥାନରେ ଛିଡ଼ା ହେବି ।'"

17 ସେଇଟା ହିଁ ମୁଁ ଚାହେଁ ଯେ ତାହା ସେଠାରେ ଘଟୁ ବୋଲି । ମୁଁ ତାହାଙ୍କ ପାଇଁ ବର୍ତ୍ତମାନ ଛିଡ଼ା ହେବାକୁ ଚାହେଁ, ଯେତେବେଳେ ସେହି ସମୟ ଆସେ, ସେ ମୋ ସ୍ଥାନରେ ଛିଡ଼ା ହେଉନ୍ତୁ ।

18 ଆସନ୍ତୁ ଆଦିପୁସ୍ତକ 22: 15ଶ, 16ଶ, 17ଶ, ଏବଂ 18ଶ ପଦଗୁଡ଼ିକରୁ ପାଠ କରିବା ।

*ଆଉ ସଦାପ୍ରଭୁଙ୍କ ଦୂତ ଦ୍ୱିତୀୟ ଥର ଆକାଶରୁ ଅବ୍ରହାମଙ୍କୁ ଡାକି କହିଲେ ।*

*ସଦାପ୍ରଭୁ କହୁଅଛନ୍ତି, ତୁମ୍ଭେ ଆମ୍ଭଙ୍କୁ ଆପଣାର ପୁତ୍ର, ଆପଣାର ଏକମାତ୍ର ପୁତ୍ର ଦେବାକୁ ଅସମ୍ମତ ନୋହିଲ, ତୁମ୍ଭର ଏହି କର୍ମ ସକାଶୁ, ଆମ୍ଭେ ଆପଣା ନାମରେ, ଶପଥ କରି କହୁଅଛୁ:*

*ଆମ୍ଭେ ତୁମ୍ଭକୁ ଅବଶ୍ୟ ଆଶୀର୍ବାଦ କରି,...ଆକାଶର ତାରାଗଣ, ଓ ସମୁଦ୍ରର ବାଲି ପରି ତୁମ୍ଭର ବଂଶ ଅତିଶୟ ବୃଦ୍ଧି କରିବା; ତୁମ୍ଭର ବଂଶ ଶତ୍ରୁଗଣର ନଗରଦ୍ୱାର ଅଧିକାର କରିବେ;*

*ପୁଣି ପୃଥିବୀସ୍ଥ ସମସ୍ତ ଜାତି ତୁମ୍ଭର ବଂଶ ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହେବେ; ଯେହେତୁ ତୁମ୍ଭେ ଆମ୍ଭର ବାକ୍ୟ ପାଳନ କରିଅଛ।*

ଆସନ୍ତୁ ପ୍ରାର୍ଥନା କରିବା।

19 ସ୍ୱର୍ଗୀୟ ପିତା, ବର୍ତ୍ତମାନ ଏହି ପାଠକୁ ନିଅ, ପ୍ରଭୁ, ଏବଂ ଆମକୁ ସେବା ପ୍ରଦାନ କର। ପ୍ରଭୁ, ଏହିପରି ହେଉ ଯେ ପବିତ୍ରଆତ୍ମା ଠିକ୍ ପ୍ରତ୍ୟେକ ହୃଦୟକୁ, ଏହି ବାକ୍ୟଗୁଡ଼ିକୁ ବହନ କରନ୍ତୁ। ଯାହାକି ଆଜି ଅପରାହ୍ନରେ ଆମର ଆଶାଗୁଡ଼ିକୁ ପୂରଣ କରିବ, କାରଣ ସେମାନେ ମହାନ ଅଟନ୍ତି, ପ୍ରଭୁ। ଏବଂ ତୁମେ ଆମମାନଙ୍କୁ ପ୍ରଚୁର ମାଗ ବୋଲି କହିଅଛ, ଯେପରିକି ଆମର ଆନନ୍ଦ ପରିପୂର୍ଣ୍ଣ ହୁଏ। ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ। ଆମେନ୍।

ଆପଣମାନେ ବସି ପାରନ୍ତି।

20 ଯଦି ମୁଁ ଏହାକୁ ଅଳ୍ପ କିଛି ସମୟ ପାଇଁ, ଏକ ମୂଳପାଠ ବୋଲି କହିପାରେ। ମୋର ସ୍ୱର ଦୁର୍ବଳ ଅଟେ, ଏଣୁ ସେହି କାରଣରୁ ମୋତେ ମାଇକ୍ରୋଫୋନ୍ ପାଖରେ ଛିଡ଼ା ହେବାକୁ ପଡ଼ିଥାଏ। ମୁଁ ଜାଣେ ଯେ ଧ୍ୱନି ଫେରି ଆସୁଛି, ମାତ୍ର ଆମେ ତାହାକୁ ଟିକିଏ ସହିଯିବା। ମୁଁ ଏହାକୁ ଡାକିବାକୁ ଚାହେଁ: *ପରୀକ୍ଷା ପରେ ଶତ୍ରୁର ଫାଟକକୁ ଅଧିକାର କରିବା।*

21 ଆମର ଦୃଶ୍ୟପଟ୍ଟ ଅବ୍ରହାମଙ୍କଠାରେ ଏକ ସବୁଠୁଁ ଚମତ୍କାର ଦୃଶ୍ୟରେ ଆରମ୍ଭ ହୁଏ। ଆପଣ ଜାଣନ୍ତି ଯେ ଅବ୍ରହାମ ବିଶ୍ୱସ୍ତମାନଙ୍କର ପିତା ଅଟନ୍ତି। ଆଉ ଅବ୍ରହାମଙ୍କ ପ୍ରତି ସେହି ପ୍ରତିଜ୍ଞାଟି କରାଯାଇଥିଲା। ଏବଂ ଖ୍ରୀଷ୍ଟଙ୍କ ଦେଇ, ତାହାଙ୍କ ସହିତ କେବଳ ଉତ୍ତରାଧିକାରୀ ହେବା, ହିଁ ଏକମାତ୍ର ଉପାୟ ଅଟେ ଯେ ଆମେ ଅବ୍ରହାମଙ୍କ ଜରିଆରେ, ସେହି ପ୍ରତିଜ୍ଞାକୁ ଗ୍ରହଣ କରିଥାଉ। ତେବେ, ଅବ୍ରହାମ ଜଣେ ସାଧାରଣ ଲୋକ ଥିଲେ, ମାତ୍ର ସେ ପରମେଶ୍ୱରଙ୍କ ଦ୍ୱାରା ଆହ୍ୱାନପ୍ରାପ୍ତ ଥିଲେ ଏବଂ ସେ ସେହି ଆହ୍ୱାନ ପ୍ରତି ବିଶ୍ୱସ୍ତ ଥିଲେ। ଯେତେବେଳେ ପରମେଶ୍ୱର ତାଙ୍କ ସହିତ କଥାବାର୍ତ୍ତା କଲେ, ଅବ୍ରହାମ ଥରେ ହେଲେ କେବେବି ସେହି ରବ ଉପରେ ସନ୍ଦେହ କଲେ ନାହିଁ। ସେ ତ ଠିକ୍ ତାହା ସହିତ ରହିଲେ। ଏଥିରେ କିଛି ଯାଏ ଆସେ ନାହିଁ ଯେ କେତେ କଷ୍ଟ ହେଉଥିଲା, ସେ ତ ଠିକ୍ ତାହା ସହିତ ହିଁ ରହିଲେ।

22 ଆଉ ତେବେ ତାଙ୍କୁ ଏକ ପୁତ୍ର ପ୍ରତିଜ୍ଞା କରା ଯାଇଥିଲା। ଏବଂ ସେ ସେହି ପୁତ୍ରକୁ ପାଇବା ପାଇଁ ପଚି-ଶ ବର୍ଷ ଅପେକ୍ଷା କଲେ, ଓ ତାହାର ବିପରୀତ ଯେକୌଣସି ବିଷୟକୁ ଏପରି ଡାକିଥିଲେ ଯେପରିକି ତାହା ଅବସ୍ଥିତ ହିଁ ନ ଥିଲା। ପୁଣି ତା'ପରେ, ଆଉ ଏହି ପୁତ୍ରଠାରେ, ପୃଥିବୀର ସମସ୍ତ ପରିବାରଗୁଡ଼ିକ ଆଶୀର୍ବାଦପ୍ରାପ୍ତ ହେବାର ଥିଲା। ଆଉ ସେହି ପିତୃପୁରୁଷ ତାଙ୍କର ଆହ୍ୱାନ ପ୍ରତି ଏବଂ ପ୍ରତିଜ୍ଞାତ ବାକ୍ୟ ପ୍ରତି ବିଶ୍ୱସ୍ତ ଥିଲେ।

23 ସେ ତାହାର ଏକ ଉଦାହରଣ ଥିଲେ ଯେ ଆମେମାନେ କ'ଣ ହେବା ଉଚିତ୍। ତେବେ ଆମେମାନେ, ଖ୍ରୀଷ୍ଟଙ୍କଠାରେ ମୃତ ଥାଇ, ଆମେମାନେ ଅବ୍ରହାମଙ୍କର ବଂଶ ଅଟୁ।

24 ବର୍ତ୍ତମାନ, ଅବ୍ରହାମଙ୍କର ଦୁଇଟି ବଂଶ ଥିଲେ। ତାହା ମଧ୍ୟରୁ ଗୋଟିଏ ପ୍ରାକୃତିକ ବଂଶ ଥିଲା; ଅନ୍ୟଟି ଏକ ଆତ୍ମିକ ବଂଶ ଥିଲା। ସେମାନଙ୍କ ମଧ୍ୟରୁ ଗୋଟିଏ ସ୍ୱାଭାବିକ ଥିଲା, ତାଙ୍କର ଶରୀର ଦ୍ୱାରା; ଅନ୍ୟଟି ତାଙ୍କର ବିଶ୍ୱାସର ବଂଶ ଥିଲା, ସେହି ବିଶ୍ୱାସ, ଯେପରିକି ଆମେମାନେ ମଧ୍ୟ ପ୍ରତିଜ୍ଞାତ ବାକ୍ୟ ଦ୍ୱାରା ଅବ୍ରହାମଙ୍କ ବଂଶ ହୋଇପାରିବା।

25 ତେବେ ବର୍ତ୍ତମାନ ସେ ଦୀର୍ଘ ପଚି-ଶ ବର୍ଷ ଧରି ପରୀକ୍ଷା କରାଯିବା ପରେ, ପୁଣି, ଦୁର୍ବଳ ହେବା ପରିବର୍ତ୍ତେ, ସେ ଆହୁରି ଶକ୍ତିଶାଳୀ ହେଲେ। ଦେଖନ୍ତୁ, ଯଦି ତାହା ପ୍ରଥମ ବର୍ଷ ନ ହେଲା, ପରବର୍ତ୍ତୀ ବର୍ଷ ତାହା ଏକ ଆହୁରି ବଡ଼ ଆଶ୍ଚର୍ଯ୍ୟକର୍ମ ହେବ, କାରଣ ତାହା ଦୁଇ ବର୍ଷ ପୁରୁଣା ହେବ। ଆଉ ସେ ସେହି ବର୍ଷଗୁଡ଼ିକୁ ଏକତ୍ର ଗଦା କଲେ, ଯେପରିକି ସେ ବୟସରେ ବୃଦ୍ଧି ପାଇବାକୁ ଲାଗିଲେ, ଓ ତାଙ୍କର ଶରୀର କ୍ଷୟ ପାଇବାକୁ ଲାଗିଲା। ସାରାଙ୍କ ଗର୍ଭଗୁଡ଼ିକ, ସେହି ଗର୍ଭ, କିଅବା ତାହା ବନ୍ଧ୍ୟା (ହୋଇ ଯାଇ) ଥିଲା। ଆଉ ତେଣୁକରି ତାଙ୍କର ଶକ୍ତି ଲୋପ ପାଇଥିଲା, ଏବଂ ସେଠାରେ ଥିଲା...ତାହା ସମ୍ପୂର୍ଣ୍ଣ ଅସମ୍ଭବ ଥିଲା।

26 କଅଣ ଆପଣ କେବେ ଚିନ୍ତା କଲେ କି ଯେ ପରମେଶ୍ୱର ସେଠାରେ କଅଣ କରିଥିଲେ? ଦେଖନ୍ତୁ, ସେ କେବେହେଲେବି କେବଳ ଏତିକି କଲେ ନାହିଁ ଯେ ମାତ୍ର ତାହାର ଗର୍ଭକୁ ଉର୍ବର କରିଦେଲେ। କାରଣ, ମନେରଖନ୍ତୁ, ଯଦି ସେ ତାହା କରିଥାଆନ୍ତେ, ତାହାହେଲେ ମନେ ରଖିଥାଆନ୍ତୁ ଯେ ଯଦି ସେ ତାହା କରିଥାଆନ୍ତେ...ସେହି ଦିନମାନଙ୍କରେ, ସେମାନଙ୍କ ପାଖରେ ଏହି ସବୁ ସ୍ୱାସ୍ଥ୍ୟକାରୀ ଏବଂ ସ୍ୱଚ୍ଛ ବୋତଲମାନ ନ ଥିଲା, ଯେ ଗାଈରୁ କ୍ଷୀର କାଢ଼ି, ଶିଶୁକୁ ଦିଅନ୍ତେ। ଦେଖନ୍ତୁ? ତାହାଙ୍କୁ ଏହା ମଧ୍ୟ କରିବାକୁ ପଡ଼ିଥିଲା...ତାହାର ଦୁଗ୍ଧ ଶିରାଗୁଡ଼ିକ ଶୁଖି ଯାଇଥିଲା। ଏଣୁ ସେ—ସେ କରିପାରି ନ ଥାଆନ୍ତେ...ସେଠାରେ କିଛି ଗୋଟାଏ ଘଟିବାକୁ ହିଁ ଥିଲା।

27 ତେବେ, ଶହେ ବର୍ଷ ବୟସ୍କା, ଏକ ମହିଳାଙ୍କୁ ଦେଖନ୍ତୁ, ଯିଏକି ପ୍ରସବ କରିବାକୁ ଯାଆନ୍ତି। ତାଙ୍କର ହୃଦୟ ଏହାକୁ ସହି ପାରନ୍ତା ନାହିଁ। ବର୍ତ୍ତମାନ ତ ଏହା ଜଣେ ଚାଳିଶ ବର୍ଷ ବୟସ୍କା, ମହିଳାଙ୍କ ପାଇଁ, ତାହା କରିବା କଷ୍ଟକର ଅଟେ। ତାଙ୍କର ହୃଦୟ ଏହାକୁ ସହି ପାରି ନ ଥାଆନ୍ତା। ଏଣୁ କଅଣ ଆପଣ ଜାଣିଛନ୍ତି କି ଯେ ସେ କଅଣ କଲେ? ଯଦି ଆପଣମାନେ ଧ୍ୟାନ ଦେବେ...

28 ବର୍ତ୍ତମାନ ମୁଁ ଜାଣେ ଯେ ଅନେକେ ଏଥିରେ ଅସହମତ ହୋଇପାରନ୍ତି। ଯଦି ତାହା ଏହି ବିବୃତ୍ତି ଦେବା ନିମନ୍ତେ ଠିକ୍ ଅଟେ? ଦେଖନ୍ତୁ, ମୁଁ...ଏହା ତ କେବଳ ମୋର ନିଜର ଚିନ୍ତାଧାରା ହେବ।

29 ଦେଖନ୍ତୁ, ବାଇବଲ ଏକ ପରମ ଅଲୌକିକ ପୁସ୍ତକ ଅଟେ। ଏହା ଏପରି ଲେଖା ହୋଇଅଛି ଯେ ତାହା ବିଦ୍ୟାଳୟଗୁଡ଼ିକଠାରୁ, ଧର୍ମଶାସ୍ତ୍ରୀଙ୍କଠାରୁ ଲୁକ୍କାୟିତ ଅଟେ। କେତେ ଜଣ ତାହା ଜାଣନ୍ତି? ଯୀଶୁ ପରମେଶ୍ୱରଙ୍କୁ ଧନ୍ୟବାଦ ଦେଲେ। ସେ କହିଲେ, "ପିତା, ମୁଁ ତୁମକୁ ଧନ୍ୟବାଦ ଦେଉଅଛି, ତୁମେ ଏହାକୁ ଜ୍ଞାନୀ ଏବଂ ବୁଦ୍ଧିମାନ ବ୍ୟକ୍ତିମାନଙ୍କଠାରୁ ଲୁଚାଇ ରଖିଅଛ, ଏବଂ ଶିଖିବାକୁ ଇଚ୍ଛୁକ ଥିବା ଶିଶୁମାନଙ୍କ ନିକଟରେ ଏହାକୁ ପ୍ରକାଶ କରିଛ।" ଏହା

ତ ପ୍ରେମର ଏକ ପୁସ୍ତକ ଅଟେ । ଯେତେବେଳେ ପରମେଶ୍ୱରଙ୍କ ପ୍ରେମ ହୃଦୟ ଭିତରକୁ ଆସେ, ସେତେବେଳେ ଆପଣ ପରମେଶ୍ୱରଙ୍କ ସହିତ ପ୍ରେମରେ ପଡ଼ିଯାଆନ୍ତି, ତାହାପରେ ସେ ଆପଣାକୁ, ବାଇବଲର ଅର୍ଥରେ ପ୍ରକାଶ କରନ୍ତି । ବାଇବଲର ବ୍ୟାଖ୍ୟା ହେଉଛି ପରମେଶ୍ୱର ନିଜେ ନିଜର ପ୍ରତିଜ୍ଞାଗୁଡ଼ିକୁ ବ୍ୟାଖ୍ୟା କରୁଛନ୍ତି । ମାତ୍ର, ବାଇବଲ, ଏହା ତ ରେଖା ମଧ୍ୟରେ ଲେଖା ହୋଇଛି ।

30 ବର୍ତ୍ତମାନ, ଯେପରିକି ମୋ ପତ୍ନୀ, ଓଃ, ସେ ହେଉଛନ୍ତି ସମଗ୍ର ଜଗତରେ ସବୁଠାରୁ ଚମତ୍କାର ମହିଳା, ଏବଂ ମୁଁ ତାଙ୍କୁ ବାସ୍ତବରେ ପ୍ରେମ କରେ । ସେ ମୋତେ ପ୍ରେମ କରନ୍ତି । ତେଣୁକରି ଯେତେବେଳେ ମୁଁ ଘରଠାରୁ ଦୂରରେ ଥାଏ, ସେ ମୋତେ ଏକ ଚିଠି ଲେଖିବେ, କହିବେ, "ପ୍ରିୟ ବିଲ୍, ଆଜି ରାତି ମୁଁ ଏବେ ପିଲାମାନଙ୍କୁ ଶୁଆଇ ଦେଇଛି । ମୁଁ ଆଜି ଧୋଇ ଦେଇଛି," ଏବଂ ଯାହାସବୁ ସେ କରିଛନ୍ତି, ଏବଂ ପ୍ରଭୃତି ବିଷୟ । ତେବେ ସେ ଚିଠିରେ ତାହା କହୁ ଅଛନ୍ତି । ମାତ୍ର, ଆପଣ ଦେଖନ୍ତୁ, ମୁଁ ତାଙ୍କୁ ଏତେ ପ୍ରେମ କରେ, ଏବଂ ଆମେ ଦୁହେଁ ଏତେ ଅଧିକ ଏକମନା ଅଟୁ, ଯେ ଏପରିକି ମୁଁ—ମୁଁ ସେହି ରେଖାଗୁଡ଼ିକ ମଧ୍ୟରେ ତାହା ପଢ଼ିପାରେ । ମୁଁ ଜାଣେ ସେ କଅଣ କହିବାକୁ ଚାହାଁନ୍ତି, ଦେଖନ୍ତୁ, ସେ ମୋତେ ତାହା କୁହନ୍ତୁ ଅବା ନ କୁହନ୍ତୁ, ଦେଖନ୍ତୁ । ମୁଁ—ମୁଁ ଜାଣେ ଯେ ତାହାର କହିବାର ଅର୍ଥ କଅଣ, କାରଣ ଏହା ତାଙ୍କ ପ୍ରତି ମୋର ପ୍ରେମ ଅଟେ, ଏବଂ ମୋର ବୁଝାମଣା ଅଟେ ।

31 ତେବେ, ଠିକ୍ ସେହି ପ୍ରକାରେ ହିଁ ବାଇବଲ ଲେଖା ହୋଇଛି । ଦେଖନ୍ତୁ? ତେବେ—ତେବେ ପଣ୍ଡିତମାନେ ଠିକ୍ ତାହାର ଉପର ଦେଇ ଚାଲିଯିବେ; ସେମାନେ ତାହା କଦାପି ପାଇବେ ନାହିଁ । ଦେଖନ୍ତୁ, ଆପଣଙ୍କୁ ତ, "ତାହାଙ୍କୁ ଜାଣିବା ପାଇଁ" ବାକ୍ୟ ସହିତ, ତାହାଙ୍କ ସହିତ, ପ୍ରେମରେ ରହିବାକୁ ଅଛି । ଦେଖନ୍ତୁ?

32 ତେବେ, ବର୍ତ୍ତମାନ ଏଠାରେ, ଦେଖନ୍ତୁ ଯେ ସେ କଅଣ କଲେ । ତେବେ ଅବ୍ରହାମ ଏବଂ ସାରା ଦୁହେଁ ବୃଦ୍ଧ ଥିଲେ, "ଉତ୍ତମରୂପେ-ବୟୋଃପ୍ରାପ୍ତ," ଥିଲେ ବୋଲି ବାଇବଲ କହେ । ତେବେ ଏହା କେବଳ ଏତିକି ନ ଥିଲା ଯେ ଯେହେତୁ ସେଠାରେ ସେହି ଲୋକମାନେ କେବଳ ଅଧିକ ବୟସ ବଞ୍ଚି ରହୁଥିଲେ । ବାଇବଲ ବ୍ୟକ୍ତ କରେ ଯେ, "ସେମାନେ ଆୟୁରେ ଉତ୍ତମରୂପେ-ବୟୋଃପ୍ରାପ୍ତ ଥିଲେ ।"

33 ବର୍ତ୍ତମାନ ଧ୍ୟାନ ଦିଅନ୍ତୁ, ତତକ୍ଷଣାତ୍ ଏହି ଦୂତ ଦେଖାଦେବା ପରେ, ଯାହାଙ୍କ ବିଷୟରେକି ଆମେ କଥା ହୋଇଥାଉ; ଯିଏକି ଏଲୋହିମ୍, ପରମେଶ୍ୱର ଥିଲେ । ଆଉ ସେ କହିଲେ, ଅବ୍ରହାମଙ୍କୁ କହିଲେ, "ଜୀବନର ଋତୁ ଅନୁସାରେ ମୁଁ ତୁମକୁ ସାକ୍ଷାତ କରିବାକୁ ଯାଉଛି ।" ତେବେ ସମସ୍ତ ସମୟରେ ଦେଖନ୍ତୁ, ସେମାନେ ସବୁ ସମୟରେ, ଗୋଟିଏ ମଣ୍ଡଳୀର ନିଦର୍ଶନ ଥିଲେ ।

34 ତେବେ ଦେଖନ୍ତୁ । ଏଠାରେ ତାହା ଅଟେ ଯାହାକି ଘଟିଥିଲା । ବର୍ତ୍ତମାନ, ସେ ସାରାଙ୍କୁ କେବଳ ଅଳ୍ପ କ୍ଷଣ ନିମନ୍ତେ କାମ ଚଳାଇବା ପାଇଁ ଠିକ୍ କଲେ ନାହିଁ, ଏବଂ ଅବ୍ରହାମଙ୍କୁ ଅଳ୍ପ

କ୍ଷଣ କାମ ପାଇଁ ଚଳାଇବା ନିମନ୍ତେ ଠିକ୍ କଲେ ନାହିଁ। ସେ ତ ସେମାନଙ୍କୁ ଜଣେ ଯୁବକ ଓ ଯୁବତୀରେ ପରିଣତ କଲେ। ତେବେ ତାହା ବିଚିତ୍ର ଲାଗୁ ଥାଇପାରେ, ମାତ୍ର ବର୍ତ୍ତମାନ ଅବଶିଷ୍ଟ ବାକ୍ୟକୁ ଦେଖନ୍ତୁ, ଓ ତାହାକୁ ଏକାଠି ମିଶାନ୍ତୁ। ସେହି ବାକ୍ୟ ପ୍ରେରଣାଯୁକ୍ତ ଅଟେ, ଏବଂ ଆପଣଙ୍କୁ ସେହି ବାକ୍ୟ ସହିତ ପ୍ରେରଣାଯୁକ୍ତ ହେବାକୁ ପଡ଼ିବ। ତେବେ, ମନେରଖନ୍ତୁ, ତତକ୍ଷଣାତ୍ ହିଁ ତାହା ପରେ, ଏହି ଦୂତଙ୍କ ଦେଖାଦେବା ପରେ ତୁରନ୍ତ...

35 ମୁଁ ମାତ୍ର ତାହା ଦେଖିପାରୁଛି, ଯେ ସାରାଙ୍କ ସେହି ଧୂସର କେଶ, ପୁଣି ଛୋଟ ଜେଜେମାଙ୍କ କାନ୍ଧରେ ଶାଲ ଚାଦରଟିଏ ରହିଛି, ଓ ଏକ ଛୋଟ ଧୂଳି ଟୋପିଟିଏ ପିନ୍ଧିଛନ୍ତି, ଗୋଟିଏ ବାଡ଼ି ଧରି, ଚାରିଆଡ଼େ ବୁଲୁଛନ୍ତି। "ମୁଁ, କଅଣ ମୋର ପ୍ରଭୁଙ୍କ ସହିତ ସୁଖ ପ୍ରାପ୍ତ ହେବି, ପୁଣି ସେ ମଧ୍ୟ, ବୃଦ୍ଧ ଅଟନ୍ତି?" ଦେଖନ୍ତୁ? ଆଉ ଏଠାରେ ଅବ୍ରହାମ ଥିଲେ, ଏପରି ଲମ୍ବା ଦାଢ଼ି ସହ, ଗୋଟିଏ ବାଡ଼ି ଧରିଥିଲେ, ଯେପରିକି ସେ ଥାଆନ୍ତି, ଆୟୁରେ ଉତ୍ତମରୂପେ-ବୟୋଃପ୍ରାପ୍ତ ଥିଲେ।

36 ଆଉ ମୁଁ ଦେଖେ, ପରଦିନ ସକାଳରେ, ତାଙ୍କର କାନ୍ଧ ସିଧା ହେବାକୁ ଲାଗିଲା, ତାଙ୍କ ପିଠିରୁ ସେହି କୁବଜ ବାହାରି ଗଲା। ସାରାର କେଶ ପରିବର୍ତ୍ତନ ହେବାକୁ ଲାଗିଲା। ସେମାନେ ଏକ ଯୁବକ ଓ ଯୁବତୀରେ ପରିଣତ ହୋଇଗଲେ। କେବଳ ଏହା ଦର୍ଶାଉଥିଲା ଯେ ସେ ଅବ୍ରହାମଙ୍କ ରାଜକୀୟ ବଂଶ ସହିତ କ'ଣ କରିବାକୁ ଯାଉଛନ୍ତି, ଦେଖନ୍ତୁ, ଯେତେବେଳେକି ଆମେ "କ୍ଷଣକେ ମାତ୍ର, ଆଖି ପିଛୁଳାକେ ବଦଳିଯିବା, ଏବଂ ଏକାଠି ଉପରକୁ ନିଆଯିବା।"

37 ଦେଖନ୍ତୁ କଅଣ ଘଟିଲା। ତେବେ ମୋତେ ଆପଣଙ୍କୁ ଏହା ପ୍ରମାଣ କରିବାକୁ ଦିଅନ୍ତୁ। ତେବେ ସେମାନେ ସେହି ସ୍ଥାନରୁ ଯେଉଁଠାରେ କି ସେମାନେ ଥିଲେ, ସେହି ଗୋମୋରାରୁ ଏକ ଯାତ୍ରା କଲେ; ଏବଂ ସୀଧାସଳଖ ତଳେ ପଲେଷ୍ଟୀୟ ଦେଶ ମଧ୍ୟକୁ, ଗରାରକୁ ଚାଲିଗଲେ। କଅଣ ଆପଣମାନେ ଧ୍ୟାନ ଦେଲେ କି? ଏହାକୁ ମାନଚିତ୍ରରେ ଚିହ୍ନିତ କରନ୍ତୁ, ଏହା କେତେ ଦୂର ଅଟେ। ସେହି ବୟସର ଏକ ବୃଦ୍ଧ ଦମ୍ପତିଙ୍କ ପାଇଁ ତାହା ଏକ ଯଥେଷ୍ଟ ଲମ୍ବା ଯାତ୍ରା ଥିଲା।

38 ପୁଣି ତାହାପରେ, ଏହା ବ୍ୟତୀତ, ସେଠାରେ ସେହି ପଲେଷ୍ଟୀୟ ଦେଶରେ—ରେ, ଅବୀମେଲକ ନାମରେ ଜଣେ ଯୁବା ରାଜା ଥିଲେ। ଆଉ ସେ ଏକ ସ୍ତ୍ରୀ ଖୋଜୁଥିଲେ। ଆଉ ତାଙ୍କର ସେଠାରେ ସେହି ସମସ୍ତ ସୁନ୍ଦର ପଲେଷ୍ଟୀୟ ଝିଅମାନେ ରହିଥିଲେ, ମାତ୍ର ଯେତେବେଳେ ସେ ଜେଜେମାଙ୍କୁ ଦେଖିଲେ, ସେ କହି ଉଠିଲେ, "ସେ ଦେଖିବାକୁ କେତେ ସୁନ୍ଦର ଅଟେ," ଆଉ ସେ ତାଙ୍କ ପ୍ରେମରେ ପଡ଼ିଗଲେ ଓ ତାଙ୍କୁ ବିବାହ କରିବାକୁ ଇଚ୍ଛା କଲେ। ତାହା ଠିକ୍ ଅଟେ। ଉ-ହୁଁ। ଦେଖନ୍ତୁ, ସେ ସୁନ୍ଦର ଥିଲେ। ବୁଝିଲେ?

39 ସାରା ଜଣେ ଯୁବା ସ୍ତ୍ରୀଲୋକରେ ପରିଣତ ହୋଇ ଯାଇଥିଲେ। ଧ୍ୟାନ ଦିଅନ୍ତୁ, ତାଙ୍କୁ ତ ହେବାକୁ ପଡ଼ିଥିଲା, ସେହି ସନ୍ତାନଟିକୁ ଆଣିବା ପାଇଁ। ପରମେଶ୍ଵର ତାଙ୍କୁ ଏକ ନୂତନ ସୃଷ୍ଟି କରିଥିଲେ। ଏବଂ ତାଙ୍କୁ ତାହା ହେବାକୁ ପଡ଼ିଥିଲା, ଏହି ପିଲାଟିକୁ ଆଣିବା ପାଇଁ। ପୁଣି

ମନେରଖନ୍ତୁ, ଅବ୍ରହାମ, “ତାଙ୍କର ଶରୀର ମଧ୍ୟ ମୃତ ପ୍ରାୟଃ ଥିଲା,” ଆଉ ଯେତେବେଳେ ସାରା ମଲେ ସେତେବେଳେ ଅବ୍ରହାମଙ୍କ ଥିଲା...ମୁଁ ବିଶ୍ୱାସ କରେ, ଯେତେବେଳେ ସାରା ମଲେ, ଇସହାକଙ୍କୁ ପଇଁ-ଚାଳିଶ ବର୍ଷ ବୟସ ହୋଇଥିଲା । ଆଉ ଅବ୍ରହାମ ଅନ୍ୟ ଜଣେ ସ୍ତ୍ରୀଲୋକକୁ ବିବାହ କଲେ ଏବଂ ଝିଅମାନଙ୍କ ବ୍ୟତୀତ ତାଙ୍କର ଆହୁରି ସାତୋଟି ପୁତ୍ର ହେଲେ । ଆମେନ୍ ।

40 ଦେଖନ୍ତୁ, ରେଖାଗୁଡ଼ିକ ମଧ୍ୟରେ ପାଠ କରନ୍ତୁ । ଏହା ଏକ ପ୍ରତିରୂପ ଅଟେ । ତାହା ସେଠାରେ ଏହା ଦର୍ଶାଏ ଯେ ସେ ଅବ୍ରହାମଙ୍କ ସମସ୍ତ ସନ୍ତାନମାନଙ୍କ ପ୍ରତି କ'ଣ କରିବାକୁ ଯାଉଛନ୍ତି । ଆମେମାନେ ବର୍ତ୍ତମାନ ଠିକ୍ ତାହାର ନିକଟବର୍ତ୍ତୀ ହେଉଅଛୁ, ବନ୍ଧୁଗଣ, ଏଣୁ ଆମର ଝୁଲୁଥିବା କାନ୍ଧଗୁଡ଼ିକ ଏବଂ ସବୁକିଛି କୌଣସି ଫରକ୍ ପଡ଼େ ନାହିଁ । ଆଉ ଆମର ଧୂସର କେଶଗୁଡ଼ିକ ଏବଂ ତାହା ଯାହାକିଛି ବି ଅଟେ, ତାହା ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଆମେମାନେ ପଛକୁ ନ ଅନାଉ । ଆସନ୍ତୁ ଆମେମାନେ ଆଗକୁ ଅନାଇବା ଯେଉଁ ବିଷୟକୁ ଆମେମାନେ ଆସୁଅଛୁ ।

41 ଆଉ ମନେରଖନ୍ତୁ, ଏହି ଚିହ୍ନ ଯାହା ଆମେମାନେ ଦେଖୁଅଛୁ, ତାହା ସେହି ଶେଷ ଚିହ୍ନ ଥିଲା ଯାହାକି ଅବ୍ରହାମ ଏବଂ ତାଙ୍କ ସାରା ଦେଖିଥିଲେ, ଏହା ପୂର୍ବେକି ସେହି ପ୍ରତିଜ୍ଞାତ ପୁତ୍ର ଆବିର୍ଭାବ ହୁଅନ୍ତି । ଆମେମାନେ ବିଶ୍ୱାସ କରୁ ଯେ ଆମେ ସେହି ଘଟିକାରେ ଅଛୁ ।

42 ସେହି ପିତୃପୁରୁଷ, ଏହି ବାଳକର ଜନ୍ମ ହେବା ପରେ...କଅଣ ଆପଣମାନେ କଳ୍ପନା କରିପାରନ୍ତି ଯେ ଇସ୍‌ହାକ, ପ୍ରାୟଃ ବାର ବର୍ଷ ବୟସର; ସୁନ୍ଦର ଛୋଟ, କୁଞ୍ଚୁ-କୁଞ୍ଚିଆ କେଶର, ଛୋଟ ବାଦାମୀ ବର୍ଣ୍ଣର ଆଖିଥିବା ବାଳକଟିଏ? ମୁଁ କଳ୍ପନା କରେ ଯେ ସେହି ମାଆ କିପରି ଅନୁଭବ କରିଥିବ; ସୁନ୍ଦର ଯୁବା ସ୍ତ୍ରୀଲୋକଟିଏ, ଏବଂ ସେହିପରି, ଆଉ ତାଙ୍କର ପିତା । ଆଉ ଦିନେ, ପରମେଶ୍ୱର କହିଲେ, ତେବେ, ଏକ ଉଦାହରଣ ନିମନ୍ତେ; ଆମେମାନେ ଅତି ଦୂରେଇ ଯାଇଛୁ, ସେହି ଘଟିକା ଯାହାକି ଆସିବାର ଅଛି । “ମୁଁ ଏହି ବାଳକ ଜରିଆରେ, ତୁମକୁ ଜାତି ଜାତିର ପିତା କରିଅଛି, ମାତ୍ର ମୁଁ ଚାହେଁ ଯେ ତୁମେ ଏହି ବାଳକକୁ ପର୍ବତ ଉପରକୁ ନେଇଯାଅ ଯାହା ମୁଁ ତୁମକୁ ଦେଖାଇବି, ଆଉ ମୁଁ ଚାହେଁ ଯେ ତୁମେ ତାହାକୁ ସେଠାରେ, ଏକ ବଳିଦାନ ନିମନ୍ତେ ବଧ କର ।” କଅଣ ଆପଣମାନେ ତାହା କଳ୍ପନା କରିପାରୁଛନ୍ତି କି?

43 ତେବେ ଆପଣଙ୍କୁ କଦାପି ସେହିପରି ଭାବରେ ଏକ ପରୀକ୍ଷାକୁ ଯିବା ନିମନ୍ତେ କୁହାଯାଇ ନାହିଁ । ସେ ବର୍ତ୍ତମାନ ସେହିପରି କରନ୍ତି ନାହିଁ । ତାହା ତ ଉଦାହରଣମାନ, ଛାୟାମାନ ଥିଲା ।

44 କଅଣ ଅବ୍ରହାମ ଭୟ କରିଥିଲେ କି? ନା, ଆଜ୍ଞା । ଅବ୍ରହାମ ଏହା କହିଲେ, “ମୁଁ ସମ୍ପୂର୍ଣ୍ଣ ଭାବେ ସୁନିଶ୍ଚିତ ଯେ ସେ ତାହାକୁ ମୃତ୍ୟୁରୁ ପୁନରୁତ୍‌ଥିତ କରିବାରେ ସକ୍ଷମ ଅଟନ୍ତି, କାରଣ ମୁଁ ତାହାକୁ ମୃତପ୍ରାୟଃ ଅବସ୍ଥାରୁ ପାଇଥିବା ସଦୃଶ ଜଣେ ଅଟେ । ଆଉ ଯଦି ପରମେଶ୍ୱରଙ୍କ ସେହି ଆଜ୍ଞା ମୋତେ ତାହା କରିବାକୁ କହିଲା, ଏବଂ ମୁଁ ତାହା ପ୍ରତି ସଚ୍ଚୋଟ ରହିଅଛି, ଆଉ ତାହା ଫଳପ୍ରଦ ହେଲା, ଯେ ସେ ମୋତେ ପୁତ୍ର ପ୍ରଦାନ କରିଛନ୍ତି; ତାହାହେଲେ ପରମେଶ୍ୱର

ତାହାକୁ ମୃତ୍ୟୁରୁ ପୁନରୁତ୍‌ଥିତ କରିବାକୁ ସକ୍ଷମ ଅଟନ୍ତି; ଯେଉଁଥିରୁକି ମୁଁ ତାହାକୁ, ଏକ ପ୍ରତିରୂପ ଭାବରେ ପାଇଅଛି।"

45 ଓଃ, ମୋର, ବନ୍ଧୁ! ଯଦି ପରମେଶ୍ୱର ଆପଣ ପେଣ୍ଟିକଷ୍ଟାଲମାନଙ୍କୁ ପବିତ୍ରଆତ୍ମା ଦେଇଛନ୍ତି, ପରଭାଷାରେ କଥା କହିବାକୁ ଦେଇଛନ୍ତି, ତେବେ ତାହାଙ୍କର ଆରୋଗ୍ୟ ଶକ୍ତି, ଏବଂ ତାହାଙ୍କର ଉତ୍ତମତା ଓ ଦୟା ଉପରେ ଆପଣ କେତେ ଅଧିକ ବିଶ୍ୱାସ କରିବା ଉଚିତ୍! ଯଦି ସେ ତାହା, ଦେଶର ସମସ୍ତ ଧର୍ମଶାସ୍ତ୍ରୀ ପଣ୍ଡିତମାନଙ୍କ ବିରୁଦ୍ଧରେ କରିଥିଲେ! ସେମାନେ କହିଥିଲେ ଯେ ତାହା ହୋଇପାରିବ ନାହିଁ, ମାତ୍ର ପରମେଶ୍ୱର ତାହା କଲେ କାରଣ ସେ ତାହାର ପ୍ରତିଜ୍ଞା କରିଥିଲେ। ତାହାହେଲେ ନିଜର ବନ୍ଧୁକ, ନିଜର ବାକ୍ୟ, ନିଜର ଖଡ୍‌ଗ ପାଖରେ ଛିଡ଼ା ହୁଅନ୍ତୁ, ପରମେଶ୍ୱରଙ୍କ ବାକ୍ୟକୁ ବିଶ୍ୱାସ କରନ୍ତୁ। ପରମେଶ୍ୱର ତାହା କହିଛନ୍ତି, ଏବଂ ଏହା ତାହାକୁ ସମାଧାନ କରେ!

46 ଧ୍ୟାନ ଦିଅନ୍ତୁ, ତେବେ, ତାହାଙ୍କୁ ସେହି ଖଚରଗୁଡ଼ିକ ସହିତରେ, ସେ ସେଠାରୁ ତିନି-ଦିନିର ଯାତ୍ରା କଲେ। ତେବେ ମୁଁ ଚାଲିପାରେ, ଯେତେବେଳେ ମୁଁ ପହରା ଦେବା କାର୍ଯ୍ୟରେ ଥିଲି, ମୁଁ ପ୍ରତିଦିନ ଜଙ୍ଗଲ ମଧ୍ୟ ଦେଇ, ତିରିଶ ମାଇଲ୍ ବାଟ ଚାଲୁଥିଲି; ଆଉ କହିବାକୁ ଗଲେ, ଆମ ପାଖରେ ପେଟ୍ରୋଲ ପାଦଗୁଡ଼ିକ ରହିଥିଲା। ମାତ୍ର ସେହି ପୁରୁଷମାନେ, ସେମାନଙ୍କର ପରିବହନର କେବଳ ମାତ୍ର ସାଧନ, ତାହା ଏକ ଗଧ ଉପରେ ଚଢ଼ି କିମ୍ବା—କିମ୍ବା ଚାଲିକରି ଥିଲା। ଏବଂ ସେ ସେହି ସ୍ଥାନରୁ ଯେଉଁଠାରେ ସେ ଥିଲେ ତିନି-ଦିନର ଯାତ୍ରା କଲେ, ଏବଂ ସେଠାରେ ମରୁଭୂମିରେ, ନିଜର ଆଖିକୁ ଉଠାଇଲେ, ଓ ଦୂରରେ ଥିବା ପର୍ବତକୁ ଦେଖିଲେ।

47 ସେ ଇସ୍‌ହାକକୁ ନେଲେ ଓ ତାହାର ହାତ ବାନ୍ଧିଲେ। ଯାହାକି, ଆମେମାନେ ସମସ୍ତେ ଜାଣୁ ଯେ, ଆଦିପୁସ୍ତକ 22ରେ ଏଠାରେ, ତାହା ଖ୍ରୀଷ୍ଟଙ୍କର ଏକ ପ୍ରତିରୂପ ଅଟେ। ତାହାକୁ ବାନ୍ଧି ଦେଇ, ପର୍ବତ ଉପରକୁ କଢ଼ାଇ ନେଲେ, ଯେପରିକି ଯୀଶୁଙ୍କୁ କାଲବରୀ ପର୍ବତ ଉପରକୁ, କଢ଼ାଇ ନିଆ ଯାଇଥିଲା; ତାହା ପରମେଶ୍ୱର ନିଜର ପୁତ୍ରଙ୍କର ବଳିଦାନ ଦେଉଥିବା ବିଷୟର, ଅବଶ୍ୟ ଏକ ପ୍ରତିରୂପ ଥିଲା।

48 ମାତ୍ର ଯେତେବେଳେ ସେମାନେ ସେଠାରେ ଉପରେ ପହଞ୍ଚିଲେ, ଆଉ ସେ ଆଜ୍ଞାକାରୀ ଥିଲେ, ଇସ୍‌ହାକ ଏକ ପ୍ରକାର ସନ୍ଦେହାସ୍ପଦ ହେବାକୁ ଲାଗିଲେ। ସେ କହିଲେ, "ପିତା, ଏଠାରେ କାଠ ଅଛି, ଏଠାରେ ଯଜ୍ଞବେଦୀ ଅଛି, ଏଠାରେ ଅଗ୍ନି ଅଛି, ମାତ୍ର ବଳିଦାନ କେଉଁଠାରେ?"

49 ଏବଂ ଅବ୍ରହାମ, ନିଜ ମନରେ ତାହା ଜାଣିଥିଲେ, ତଥାପି ପରମେଶ୍ୱରଙ୍କ ବାକ୍ୟ ସେଠାରେ ଛିଡ଼ା ରହିଥାଇ, ସେ କହିଲେ, "ମୋ ପୁଅରେ, ପରମେଶ୍ୱର ଆପଣା ନିମନ୍ତେ ଏକ ବଳିଦାନ ଯୋଗାଇବାରେ ସକ୍ଷମ ଅଟନ୍ତି।" ସେ ସେହି ସ୍ଥାନକୁ ଡାକିଲେ, "ଯିହୋବା-ଯିରି।"

50 ଆଉ ଯେତେବେଳେ ସେ ନିଜ ପୁଅକୁ ବାନ୍ଧିଲେ, ସେ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇଥିଲେ; ତାହାକୁ ଯଜ୍ଞବେଦୀ ଉପରେ ଶୁଆଇ ଦେଲେ, ଛୁରୀକୁ ତାହାର କୋଷରୁ

ବାହାର କଲେ ଓ ନିଜ ପୁତ୍ରର ଜୀବନ ନେବାକୁ ଲାଗିଲା । ଏବଂ, ଯେତେବେଳେ ସେ ତାହା କଲେ, କିଛି ଗୋଟାଏ ତାଙ୍କର ହାତକୁ ଧରି ପକାଇଲା, ଓ କହିଲା, "ଅବ୍ରହାମ, ତୁମ ହସ୍ତ ବିସ୍ତାର କର ନାହିଁ ।"

51 ଏବଂ ସେହି ସମୟରେ, ତାଙ୍କ ପଛରେ, ଜଙ୍ଗଲୀ ବୁଦାର ଲତାରେ ବଦ୍ଧଶୃଙ୍ଗ, ଗୋଟିଏ ମେଷ ରଡ଼ି ଛାଡ଼ିଲା ।

52 କଅଣ ଆପଣ କେବେ ଚିନ୍ତା କଲେ କି, ସେହି ମେଷଟି କେଉଁଠାରୁ ଆସିଲା? ମନେରଖନ୍ତୁ ଯେ, ସେହି ଦେଶଟି ସିଂହ, ଓ ବିଲୁଆ ଏବଂ ଶୃଗାଳମାନଙ୍କରେ, ପୁଣି ସେହି ମେଷ-ଗ୍ରାସକାରୀ ପଶୁମାନଙ୍କରେ ପରିପୂର୍ଣ୍ଣ ଅଟେ । ପୁଣି ସେ ସଭ୍ୟତାଠାରୁ କେତେ ଦୂରରେ ଥିଲେ? ଆଉ, ତାହାପରେ, ସେହି ପର୍ବତର ଉପରେ, ଯେଉଁଠାରେକି କୌଣସି ଜଳ ହିଁ ନାହିଁ । ଆଉ ସେ ସେହି ଯଜ୍ଞବେଦୀ ନିର୍ମାଣ କରିବା ପାଇଁ, ଆଖପାଖରୁ ସବୁଆଡୁ, ପଥରଗୁଡ଼ିକ ଗୋଟାଇଥିଲେ । ସେହି ମେଷଟି କେଉଁଠାରୁ ଆସିଥିଲା? ବୁଝିଲେ?

53 ମାତ୍ର ତାହା ଏକ ଦର୍ଶନ ନ ଥିଲା । ସେ ମେଷକୁ ବଧ କରିଥିଲେ; ତାହାର ରକ୍ତ ଥିଲା । ସେ କଅଣ କହିଲେ? "ପରମେଶ୍ୱର ଆପଣା ନିମନ୍ତେ ଏକ ବଳିଦାନ ଯୋଗାଇବାରେ ସକ୍ଷମ ଅଟନ୍ତି ।"

54 *ଆପଣ* କିପରି ଭାବରେ ସେହି ଚୌକୀରୁ ଉଠି ଆସିବାକୁ ଯାଉଛନ୍ତି? *ସେହି* ମାନସିକ ରୋଗୀ ଶିଶୁଟି କିପରି ସୁସ୍ଥ ହେବାକୁ ଯାଉଛି, କିଅବା *ଆପଣ* ସେହି ଚୌକୀରୁ, *ଆପଣ* ସେଠାରୁ, *ଆପଣ* ଯିଏକି ଏକ ହୃଦୟ ସମସ୍ୟାରେ ପୀଡ଼ିତ ଅଟନ୍ତି କିପରି ସୁସ୍ଥ ହେବାକୁ ଯାଉଛନ୍ତି? ମାମଲା ଯାହା ବି ହେଉ, "ପରମେଶ୍ୱର ଆପଣା ନିମନ୍ତେ ଯୋଗାଇବାରେ ସକ୍ଷମ ଅଟନ୍ତି ।"

55 ଅବ୍ରହାମ ଏହାକୁ ବିଶ୍ୱାସ କଲେ । ପିତୃପୁରୁଷ ଜଣକ ସେହି ପ୍ରତିଜ୍ଞା ପ୍ରତି ବିଶ୍ୱସ୍ତ ରହିଲେ । ଏବଂ ସେ ପ୍ରତିଜ୍ଞା ଦେଲେ, ଯେ, "ତୁମର ବଂଶ! ଯେହେତୁ ତୁମେ ମୋର ବାକ୍ୟକୁ ବିଶ୍ୱାସ କରିଅଛ, ଏବଂ ପରିସ୍ଥିତି ଯାହା ବି ଥିଲା ତାହାକୁ ଖାତିର କରିନାହଁ, ତୁମର ବଂଶ ତାହାର ଶତ୍ରୁମାନଙ୍କର ଫାଟକକୁ ଅଧିକାର କରିବ ।"

56 କାହିଁକି? ପ୍ରତ୍ୟେକ ଶତ୍ରୁ, ଯାହାକି ଏକ ପ୍ରତିରୂପ ଭାବରେ, ଅବ୍ରହାମଙ୍କ ବିରୁଦ୍ଧରେ ଆସିଥିଲା, ଅବ୍ର-...ସେହି ଶତ୍ରୁ ଏହି ରୂପରେ, "ସେ ବହୁତ ବୁଢ଼ୀ ଅଟେ । ମୁଁ ବହୁତ ବୁଢ଼ା ଅଟେ । *ଏହି* ସମସ୍ତ କିଛି, ଏବଂ ଅନ୍ୟ ସବୁକିଛି ।" ସେ ତଥାପି ସେହି ପ୍ରତିଜ୍ଞା ପ୍ରତି ଠିକ୍ ବିଶ୍ୱସ୍ତ ହୋଇ ରହିଲେ ।

57 ବର୍ତ୍ତମାନ, ଜଣେ ବ୍ୟକ୍ତି ଯିଏକି ସେହିପରି ବିଶ୍ୱାସ ଧାରଣ କରନ୍ତି, ସେ ଏବେ ମଧ୍ୟ ପରିସ୍ଥିତିଗୁଡ଼ିକୁ ଖାତିର ନ କରି ପରମେଶ୍ୱରଙ୍କ ବାକ୍ୟକୁ ଗ୍ରହଣ କରିବେ । ତେବେ, ଯଦି ଆପଣ ତାହା କରିପାରନ୍ତି ନାହିଁ, ତାହାହେଲେ ଆପଣ ଅବ୍ରହାମଙ୍କ ବଂଶ ନୁହଁନ୍ତି । ଏହାହିଁ ସେହି ବିଶ୍ୱାସ ଅଟେ ଯାହାକି ଅବ୍ରହାମଙ୍କର, ତାଙ୍କର ବଂଶର ରହିଥିଲା ।

58 ଅବ୍ରହାମଙ୍କର ପ୍ରତି ଏହା ପ୍ରତିଜ୍ଞା ଥିଲା ଯେ ତାହାଙ୍କର "ବଂଶ," ବର୍ତ୍ତମାନ ତାହାଙ୍କର ରାଜକୀୟ ବଂଶ, ମଧ୍ୟ, ଯେପରିକି ମୁଁ ଆପଣଙ୍କୁ କିଛି ସମୟ ପୂର୍ବରୁ କହିଥିଲି । ଆଉ ଏହି ମୁଦ୍ରା ଯାହାକି ସେ ଅବ୍ରହାମଙ୍କୁ ଦେଇଥିଲେ, ତାହା ଏକ ପ୍ରତିଜ୍ଞାର ମୁଦ୍ରା ଥିଲା । ଆଉ ଏଫିସୀୟ 4:30 ଅନୁଯାୟୀ, ସେହି ରାଜକୀୟ ବଂଶ, ସେମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇସାରିବା ପରେ, "ପବିତ୍ରଆତ୍ମା ଦ୍ୱାରା ମୁଦ୍ରାଙ୍କିତ କରାଯା'ନ୍ତି ।" ଏହା ବିଷୟରେ ଚିନ୍ତା କରିବାକୁ ଚେଷ୍ଟା କରନ୍ତୁ ।

59 ଅନେକେ ଭାବନ୍ତି ଯେ ସେମାନେ ପବିତ୍ରଆତ୍ମା ପାଇଛନ୍ତି । ଅନେକେ ପବିତ୍ରଆତ୍ମା ପାଇଥିବାର ଦାବୀ କରନ୍ତି । ଅନେକେ ଏହାର ଅନେକ ଗୁଡ଼ିଏ ପ୍ରମାଣ ଏବଂ ଚିହ୍ନମାନ ଦେଖାଇପାରନ୍ତି । ମାତ୍ର, ତଥାପି, ଯଦି ତାହା ଏହି ବାକ୍ୟ ସହିତ ରହିପାରୁ ନାହିଁ, ତେବେ ତାହା ପବିତ୍ରଆତ୍ମା ନୁହେଁ । ବୁଝିଲେ?

60 ଆପଣ ପ୍ରତ୍ୟେକ ବାକ୍ୟକୁ ବିଶ୍ୱାସ କରନ୍ତୁ, ତାହାପରେ ଯାଇ ଆପଣଙ୍କୁ ପରୀକ୍ଷା ପରେ ମୁଦ୍ରାଙ୍କିତ କରାଯାଏ । ଯେତେବେଳେ ଆମେମାନେ ବାକ୍ୟରେ ଥିବା ପ୍ରତ୍ୟେକ ପ୍ରତିଜ୍ଞାକୁ ବିଶ୍ୱାସ କରିଥାଉ, ସେତେବେଳେ ପ୍ରତିଜ୍ଞାକୁ ସୁନିଶ୍ଚିତ କରିବା ନିମନ୍ତେ, ଆମେମାନେ ଆତ୍ମାଙ୍କ ଦ୍ୱାରା ମୁଦ୍ରାଙ୍କିତ ହୋଇଥାଉ । ତାହାହିଁ ହେଉଛି ଯାହାକି, ଏହାହିଁ ତାହା ଅଟେ ଯାହାକି ଅବ୍ରହାମ, ଯେପରି ଭାବରେ ସେ କରିଥିଲେ । ତାହାପରେ, ଏବଂ କେବଳ ତାହାପରେ ଯାଇ, ଆମର ଆମମାନଙ୍କର ଶତ୍ରୁର ଫାଟକ ଉପରେ ଅଧିକାର କରିବାକୁ ଏକ ଅଧିକାର ରହିଥାଏ । ଆପଣ ତାହା ସେପର୍ଯ୍ୟନ୍ତ କରିପାରିବେ ନାହିଁ ଯେପର୍ଯ୍ୟନ୍ତକି ପ୍ରଥମେ ଆପଣ ସେହି ବଂଶ ନ ହୋଇଯା'ନ୍ତି । ମନେରଖନ୍ତୁ, ବାଇବଲରେ...

61 ମୁଁ ଏହା ଉପରେ, ହୁଷ୍ଟନ୍‌ଠାରେ କିମ୍ବା କେଉଁଠାରେ, ଅନ୍ୟ କୌଣସି ସ୍ଥାନରେ କହିଥିଲି... କିଅବା, ମୋର ଅଭିପ୍ରାୟ ଡାଲାସ୍ ଥିଲା । *ଟୋକନ୍ କିମ୍ବା ଚିହ୍ନ ।*

62 ଦେଖନ୍ତୁ, ଜଣେ—ଜଣେ ଯିହୂଦୀ ଇସ୍ରାଏଲରେ ସେଠାରେ, ଏହା ଦେଖାଇପାରେ, ଯେ ସେ ସୁନ୍ନତ କ୍ରିୟା ଯୋଗୁଁ ଜଣେ ଯିହୂଦୀ ଥିଲେ । ମାତ୍ର ପରମେଶ୍ୱର କହିଲେ, "ଯେତେବେଳେ ମୁଁ ରକ୍ତକୁ ଦେଖିବି! ଏବଂ ରକ୍ତ ତୁମମାନଙ୍କ ନିମନ୍ତେ ଏକ ଚିହ୍ନ ହେବ ।"

63 ତେବେ ରକ୍ତରେ ଥିବା ସେହି ଜୀବନଟି ଉପାସକଙ୍କ ଉପରେ ଆସିପାରୁ ନ ଥିଲା, କାରଣ, ଯେହେତୁ, ତାହା ପଶୁର ଜୀବନ ଥିଲା, ଏହା ତ କେବଳ ଏକ ପ୍ରତିଛାୟା ଥିଲା ଯାହାକି ପ୍ରକୃତ ଜୀବନକୁ ଆସୁଥିଲା । ତାହାପରେ, ସେହି ରସାୟନ, ସେହି ରକ୍ତକୁ ସ୍ୱୟଂ, ସେହି ଗୃହଦ୍ୱାର ଏବଂ ସେହି ଦ୍ୱାରର ବାଜୁବନ୍ଧ ଉପରେ ଲାଲ ରଙ୍ଗର ହେବାକୁ ଥିଲା ।

64 ଏସୋବ୍ ଦ୍ୱାରା ଲଗାଯିବାକୁ ଥିଲା, ଯାହାକି କେବଳ ଏକ ସାଧାରଣ ଘାସ ଅଟେ, ତାହା ଏହା ଦର୍ଶାଉଥିଲା ଯେ ଆପଣଙ୍କୁ କୌଣସି ସର୍ବୋତ୍ତମ ସ୍ତରର ବିଶ୍ୱାସ ରଖିବା ଆବଶ୍ୟକ ନୁହେଁ । ଆପଣଙ୍କୁ ତ କେବଳ ସେହି ସମାନହିଁ, ସେହି ବିଶ୍ୱାସକୁ ରଖିବାକୁ ଅଛି ଯାହାକି ଆପଣ ପାଇଛନ୍ତି, ଯେପରିକି ଆପଣଙ୍କୁ ନିଜର କାର ଆରମ୍ଭ କରିବାକୁ ଅଛି, ଗୀର୍ଜାକୁ ଆସିବାକୁ

ଅଛି । ଦେଖନ୍ତୁ? ଅନେକ ଲୋକେ ଏହା ଭାବନ୍ତି ଯେ ସେମାନଙ୍କୁ କିଛି ହେବା ଆବଶ୍ୟକ… ମାତ୍ର, ନା, ନା, ତାହା ଭୁଲ୍ ଅଟେ । କେବଳ ସାଧାରଣ ବିଶ୍ୱାସ ହିଁ ସବୁକିଛି ଅଟେ ଯାହା ଦ୍ୱାରା ଆପଣଙ୍କୁ ସେହି ରକ୍ତକୁ ଲଗାଇବାକୁ ଅଛି । ବାକ୍ୟକୁ ଶୁଣନ୍ତୁ, ଏବଂ ବାକ୍ୟକୁ ବିଶ୍ୱାସ କରନ୍ତୁ, ଏହାକୁ ଲଗାନ୍ତୁ, ତାହା ହିଁ ସବୁକିଛି ଅଟେ । ପାଲେଷ୍ଟାଇନ୍‌ରେ ସେଠାରେ ଯେକୌଣସିଠାରେ ମଧ୍ୟ ଘାସଗୁଡ଼ିକୁ କେବଳ ଗୋଟାନ୍ତୁ, ତାହା ଏସୋବ୍ ଥିଲା, ତାହା କେବଳ ଏକ ଛୋଟ ଘାସଟିଏ, ଯାହାକି ସେହି କାନ୍ଥଗୁଡ଼ିକର ଫାଟରୁ ଓ ଚାରିପାଖରେ ବଢୁଥିଲା, ସେମାନଙ୍କ ରକ୍ତରେ ବୁଡ଼ାଇଲେ ଓ ଗୃହଦ୍ୱାରର ବାଜୁବନ୍ଧ ଏବଂ କପାଳୀରେ ଲଗାଇ ଦେଲେ ।

65 ଆଉ, ମନେ ରଖିଥାଆନ୍ତୁ, ମୋର ଏଥିରେ କିଛି ଯାଏ ଆସେ ନାହିଁ ଯେ ସେମାନେ କେତେ ନିୟମରେ ଆବଦ୍ଧ ଥିଲେ, ସେହି ଯିହୂଦୀ ଏହା କେତେ ଦେଖାଇ ପାରୁଥିଲେ ଯେ ସେ ସୁନ୍ନତ ଥିଲେ, ସେ ଜଣେ କେତେ ଭଲ ଲୋକ ଥିଲେ, ସମସ୍ତ ନିୟମ ତ ସେଠାରେ ମୂଲ୍ୟହୀନ ହୋଇ ଯାଉଥିଲା ଯେପର୍ଯ୍ୟନ୍ତକି ସେହି—ସେହି ଚିହ୍ନ ସେଠାରେ ନ ଥିଲା । "ଯେତେବେଳେ ମୁଁ ସେହି ରକ୍ତକୁ ଦେଖିବି," ଏକାକୀ ।

66 ତେବେ, ସେହି ରକ୍ତ ବର୍ତ୍ତମାନ, ସେହି ଚିହ୍ନଟି, ସେହି ରସାୟନ, ଖ୍ରୀଷ୍ଟଙ୍କ ସେହି ରକ୍ତର ରସାୟନ ନୁହେଁ, କାରଣ ତାହା ତ ହଜାର ବର୍ଷ ପୂର୍ବେ ପାତିତ ହୋଇଥିଲା ।

67 ମାତ୍ର, ଆପଣ ଦେଖନ୍ତୁ, ଯେଉଁଠାରେ ସେହି…ସେହି ରସାୟନ ସେଠାରେ ହେବା ଆବଶ୍ୟକ ଥିଲା, ପଶୁଠାରେ ଥିବା ସେହି ଜୀବନଟି ମଣିଷ ଉପରକୁ ଆସିପାରି ନ ଥିଲା, କାରଣ ପଶୁମାନଙ୍କର ଜୀବନରେ ପ୍ରାଣଟି ନ ଥାଏ । ପଶୁ ଭୁଲ୍ କିମ୍ବା ଠିକ୍ ଜାଣେ ନାହିଁ । ଏହା ତ ମଣିଷ ଅଟେ ଯାହାଙ୍କଠାରେ ପ୍ରାଣ ରହିଥାଏ ।

68 ତେବେ, ମାତ୍ର ଯେତେବେଳେ ଯୀଶୁ, ପରମେଶ୍ୱରଙ୍କ ସେହି ପୁତ୍ର, କୁମାରୀ-ଜନ୍ମିତ, ତାହାଙ୍କର ରକ୍ତ ପାତିଲେ, ସେହି ରକ୍ତରେ ଥିବା ଜୀବନଟି ସ୍ୱୟଂ ପରମେଶ୍ୱର ଥିଲେ । ବାଇବଲ କହେ, "ଆମେମାନେ ପରମେଶ୍ୱରଙ୍କ ରକ୍ତ ଦ୍ୱାରା, ସେହି ଜୀବନ ଦ୍ୱାରା ଉଦ୍ଧାର ପାଇଅଛୁ ।" ଜଣେ ଯିହୂଦୀର ରକ୍ତ ନୁହେଁ, ଜଣେ ବିଜାତୀୟର ରକ୍ତ ନୁହେଁ; ମାତ୍ର ପରମେଶ୍ୱରଙ୍କ ସେହି ଜୀବନ । ପରମେଶ୍ୱର ଏହି ରକ୍ତ କୋଷକୁ ସୃଷ୍ଟି କରିଥିଲେ, କୁମାରୀ ଜନ୍ମରେ । ସେ କଦାପି କୌଣସି ପୁରୁଷକୁ ଜାଣି ନ ଥିଲେ, କିମ୍ବା କୌଣସି କିଛି ନ ଥିଲେ… କିଅବା ସେହି ଅଣ୍ଡା ମଧ୍ୟ ତାହାଙ୍କଠାରୁ ଆସି ନ ଥିଲା ।

69 ମୁଁ ଜାଣେ ଯେ ଆପଣମାନଙ୍କ ମଧ୍ୟରୁ ଅନେକେ ଏହା ବିଶ୍ୱାସ କରିବାକୁ ଚାହାଁନ୍ତି ଯେ ଅଣ୍ଡା ତାହାଙ୍କଠାରୁ ଆସିଥିଲା । ସେହି ଅଣ୍ଡା ଏକ ସମ୍ବେଦନା ବିନା ସେଠାରେ ରହିପାରେ ନାହିଁ, ତେବେ ପରମେଶ୍ୱର କ'ଣ କରିଥା'ନ୍ତେ? ବୁଝିଲେ?

70 ସେ ଉଭୟେ ଅଣ୍ଡା ଏବଂ ରକ୍ତ କୋଷ ସୃଷ୍ଟି କରିଥିଲେ, ଆଉ ତାହା ପବିତ୍ର, ପରମେଶ୍ୱରଙ୍କ ମନ୍ଦିର ଥିଲା । "ଆମ୍ଭେ ଆପଣା ପବିତ୍ର ଜନକୁ କ୍ଷୟ ପାଇବାକୁ ଦେବା ନାହିଁ ।" କଅଣ ଦେଖୁଛନ୍ତି ଯେ ଅଣ୍ଡା କେଉଁଠାରୁ ଆସେ? "କିଅବା ଆମ୍ଭେ ତାହାର ପ୍ରାଣକୁ ପାତାଳରେ

ପରିତ୍ୟାଗ କରିବା ନାହିଁ ।” ତାହାଙ୍କର ଶରୀର ପବିତ୍ର ଥିଲା! ହେ, ମୋର ପ୍ରଭୁ! ଆପଣ କରନ୍ତି ନାହିଁ, ଆପଣ ତାହା ବିଶ୍ୱାସ କରିପାରନ୍ତି ନାହିଁ, ଆପଣ ନିଜକୁ କିପରି ଏକ ଖ୍ରୀଷ୍ଟିଆନ ବୋଲି କୁହାଇ ପାରନ୍ତି?

71 “ଆମେମାନେ ପରମେଶ୍ୱରଙ୍କ ରକ୍ତ ଦ୍ୱାରା ଉଦ୍ଧାର ପାଇଅଛୁ ।” ତାହାହିଁ ଅଟେ ଯେଉଁଠାରେକି ମୋର ବିଶ୍ୱାସ ଅଛି । ଜଣେ ଭବିଷ୍ୟଦ୍‌ବକ୍ତାଙ୍କ ରକ୍ତରେ ସେଠାକୁ ଚାଲିକରି ଯାଉ ନାହୁଁ, ଜଣେ ସାଧାରଣ ଲୋକ, କିମ୍ୱା ଜଣେ ଶିକ୍ଷକ, କିମ୍ୱା ଜଣେ ଧର୍ମଶାସ୍ତ୍ରୀଙ୍କ ରକ୍ତରେ ସେଠାକୁ ଚାଲିକରି ଯାଉ ନାହୁଁ। ଆମେମାନେ ତ ସେଠାରେ ପରମେଶ୍ୱରଙ୍କ ରକ୍ତରେ ଚାଲିକରି ଯାଉ । ପରମେଶ୍ୱର ତାହା କହିଛନ୍ତି । ସେ ମନୁଷ୍ୟ ହୋଇଗଲେ । ସେ ତାହାଙ୍କର ଗୁଣ ଚରିତ୍ର ବଦଳାଇ ଦେଲେ । ସେ ଏଠାରେ ଆମମାନଙ୍କ ସହିତରେ, ତାହାଙ୍କର ତମ୍ବୁ ବିସ୍ତାର କଲେ, ଓ ଆମମାନଙ୍କ ମଧ୍ୟରୁ ଜଣେ ହୋଇଗଲେ । ସେ ଆମର ନିକଟ ସମ୍ବନ୍ଧୀୟ ମୁକ୍ତିଦାତା ଅଟନ୍ତି । ତାହାଙ୍କୁ ଆମର ନିକଟ ସମ୍ବନ୍ଧୀୟ ହେବାକୁ ପଡ଼ିଲା, କାରଣ ତାହାହିଁ ବ୍ୟବସ୍ଥା ଥିଲା । ପରମେଶ୍ୱର ମନୁଷ୍ୟ ହୋଇଗଲେ ଏବଂ ଆମମାନଙ୍କ ମଧ୍ୟରେ ବାସ କଲେ ।

72 ଧ୍ୟାନ ଦିଅନ୍ତୁ ଯେ କିପରି, ତାହା କରିବାବେଳେ, ସେ ତାହାଙ୍କଠାରୁ ଆସିବା ସମୟରେ, ପରମେଶ୍ୱର ଥିଲେ, ସେହି ଆତ୍ମା ଥିଲେ, ଆଉ ସେହି ଆତ୍ମା ବିଶ୍ୱାସୀଙ୍କ ଉପରେ ଆସି ପତିତ ହୋଇଥାଏ । ତେଣୁକରି, ସେହି ଜୀବନ ଯାହାକି ଆମର ବଳିଦାନରେ ଥିଲା, ଆମେମାନେ ସେହି ସମାନ ଜୀବନ ଦ୍ୱାରା ଚିହ୍ନିତ ହୋଇଥାଉ ।

73 ତାହହେଲେ ସେମାନେ କିପରି ଭାବରେ ପରମେଶ୍ୱରଙ୍କ ସେହି ଜୀବନକୁ ଲୋକମାନଙ୍କ ମଧ୍ୟରେ ଗମନାଗମନ କରୁଥିବାର ଦେଖିପାରନ୍ତି, ଏବଂ ତାହା ଏକ ଅଶୁଚି ବିଷୟ ବୋଲି କହିପାରନ୍ତି, ଯେତେବେଳେକି ତାହା ଆମର ବଳିଦାନର ଆମର ପରିଚୟ ଅଟେ? “ଯିଏ ମୋ ଠାରେ ବିଶ୍ୱାସ କରେ, ମୁଁ କରୁଥିବା କାର୍ଯ୍ୟଗୁଡ଼ିକ ସେ ମଧ୍ୟ କରିବ ।” ତାହାଙ୍କର ଜୀବନ ସେହି ବଳିଦାନରୁ ଏହି ବଳି-...ଉପରକୁ ଫେରୁଥାଏ, ଯେତେବେଳେକି ଆମେମାନେ ନିଜର ହାତକୁ ତାହା ଉପରେ ରଖିଥାଉ ଏବଂ ନିଜର ଚିନ୍ତା ବିଚାର ପ୍ରତି ନିଜକୁ ମୃତ ବୋଲି ଚିହ୍ନିତ କରିଥାଉ । ତାହାହେଲେ ଆମେମାନେ କିପରି ଭାବରେ ସେହି ନାମଧାରୀ ସଂସ୍ଥାଗୁଡ଼ିକୁ ଆମମାନଙ୍କୁ ସେହି ମତଗୁଡ଼ିକ ଏବଂ ବିଷୟମାନଙ୍କ ଭିତରକୁ ଠେଲି ଦେବାକୁ ଦେଉଅଛୁ, ଓ ଏହା କହୁଅଛୁ ଯେ ଆମେ ତାହା ବିଶ୍ୱାସ କରୁ? ଆମେମାନେ ତ ସେହି ବିଷୟଗୁଡ଼ିକ ପ୍ରତି ମୃତ ଅଟୁ ।

74 ପାଉଲ କହିଲେ, “ଏହି ବିଷୟଗୁଡ଼ିକ ମଧ୍ୟରୁ କୌଣସିଟି ମୋତେ ବ୍ୟଥିତ କରେ ନାହିଁ,” କାରଣ ସେ ଏକ ପରମସତ୍ୟ ବିଷୟ, ଖ୍ରୀଷ୍ଟଙ୍କ ସହିତ ବନ୍ଧା ହୋଇଥିଲେ । ଏବଂ ପ୍ରତ୍ୟେକ ବାସ୍ତବିକ ସଫଳତା ଏକ ପରମସତ୍ୟ ବିଷୟ ସହିତ ବନ୍ଧା ହୋଇଥାଏ, ଆଉ ମୋର ପରମସତ୍ୟ ବିଷୟ ହେଉଛି ବାକ୍ୟ । ଏବଂ ଅନ୍ୟମାନେ ସମସ୍ତେ, ଯିଏକି—ଯିଏକି ପ୍ରକୃତରେ ସେହି ଆତ୍ମାରୁ ଜନ୍ମ ନେଇଛନ୍ତି, ସେମାନଙ୍କର ପରମସତ୍ୟ ବିଷୟ ହେଉଛି ପରମେଶ୍ୱରଙ୍କ

ବାକ୍ୟ । ମୁଁ ସେଥିରେ ବନ୍ଧା ହୋଇଅଛି । ମୁଁ ମୋର ହାତ ତାହା ଉପରେ ଥୋଇଅଛି । ଆଉ ତାହା ମୋର ସ୍ଥାନ ନେଇଛି, ଏବଂ ମୁଁ ନିଜକୁ ତାହାଙ୍କ ସହିତ ଚିହ୍ନିତ କରାଇଅଛି । ଆମେ ଜାଣିଥିଲୁ ଯେ ସେ ଆମ ସହିତ ନିଜକୁ ଚିହ୍ନିତ କରିବେ ବୋଲି ପ୍ରତିଜ୍ଞା କରିଥିଲେ । ତାହା ପ୍ରକୃତ ବିଶ୍ୱାସକୁ ନେଇ ଆସିଥାଏ; ଆପଣଙ୍କର ନିଜର ବିଶ୍ୱାସ ନୁହେଁ, ବରଂ ତାହାଙ୍କର ବିଶ୍ୱାସକୁ; ଏପରି କିଛି ଯାହା ଆପଣ ନିୟନ୍ତ୍ରଣ କରନ୍ତି ନାହିଁ । ସେ ତାହା କରନ୍ତି । ତେବେ ଧ୍ୟାନ ଦିଅନ୍ତୁ । ତାହାପରେ, ଏବଂ ତାହାପରେ କେବଳ, ଯେତେବେଳେ ସେହି...ସେହି ପ୍ରତିଜ୍ଞାଟି ତୁମ ପ୍ରତି କରା ଯାଇଥାଏ ।

75 ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ କେତେ ଗୁଡ଼ିଏ ମଣ୍ଡଳୀରେ ଯୋଗ ଦେଲେ, ଆପଣ କେତେ ଥର ବାପ୍ତିଜିତ ହୋଇଛନ୍ତି; ମୁହଁ ଆଗକୁ କରି, ପଛକୁ କରି, ଆପଣ ଯେକୌଣସି ଉପାୟରେ ଚାହିଁଥାଆନ୍ତି । ଯେପର୍ଯ୍ୟନ୍ତ ସେହି ମୁଦ୍ରା ଆପଣଙ୍କ ଉପରେ ରଖା ନ ଯାଏ, ସେପର୍ଯ୍ୟନ୍ତ ଆପଣ ନିଜକୁ ଆପଣଙ୍କର ବଳିଦାନ ସହିତ ସଂଯୁକ୍ତ ଅଟନ୍ତି ବୋଲି କହିବାର କୌଣସି ଅଧିକାର ନାହିଁ ।

76 ଆଉ ପରମେଶ୍ୱରଙ୍କ ମୁଦ୍ରା କଅଣ ଅଟେ? ଏଫିସୀୟ 4:30, କହେ, "ପରମେଶ୍ୱରଙ୍କ ପବିତ୍ରଆତ୍ମାଙ୍କୁ ଦୁଃଖ ଦିଅ ନାହିଁ, ଯେଉଁଥିରେକି ତୁମେ ମୁକ୍ତିର ଦିବସ ନିମନ୍ତେ ମୁଦ୍ରାଙ୍କିତ ହୋଇଅଛ ।" ଗୋଟିଏ ଉଦ୍ଦୀପନାରୁ ଅନ୍ୟକୁ ନୁହେଁ, ମାତ୍ର ସେହି ଦିନ ନିମନ୍ତେ ଅନନ୍ତକାଳୀନ ରୂପେ ମୁଦ୍ରାଙ୍କିତ ହୋଇଅଛନ୍ତି ଯେଉଁଦିନକି ଆପଣ ମୁକ୍ତ କରାଯିବେ ।

77 ଆଉ, ମନେରଖନ୍ତୁ, ଯଦି ଆପଣ କେବେ ପରମେଶ୍ୱରଙ୍କ ବିଚାରରେ ନ ଥିଲେ, ତାହାହେଲେ ଆପଣ କେବେ ବି ପରମେଶ୍ୱରଙ୍କ ସହିତ ରହିବେ ନାହିଁ । କେତେ ଜଣ ଜାଣନ୍ତି ଯେ ସେ ଜଣେ ମୁକ୍ତିଦାତା ଥିଲେ? ତେବେ, ତାହାହେଲେ, ମୁକ୍ତ ହୋଇଥିବା ଯେକୌଣସିଟି ବିଷୟକୁ ସେହି ସ୍ଥାନ ମଧ୍ୟକୁ ଫେରିବାକୁ ଅଛି ଯେଉଁଠାରୁକି ତାହା ପତିତ ହୋଇଥିଲା । ତେଣୁ ଯଦି ସେ ଆମକୁ ମୁକ୍ତ କରିବାକୁ ଆସନ୍ତି, ତାହାହେଲେ ଆମେମାନେ କିପରି ହୋଇପାରିବା, ଆମେମାନେ ତ ଏକଦା ମୁକ୍ତିର ପ୍ରୟୋଜନ ହିଁ କରୁ ନ ଥିଲୁ, ଆଉ ଆମେମାନେ ସମସ୍ତେ "ପାପରେ ଜନ୍ମ ହୋଇ, ଅଧର୍ମରେ ଗଢ଼ା ହୋଇ, ମିଥ୍ୟା କହି ଜଗତକୁ ଆସିଥିଲୁ"? ତାହା ଏହା ଦର୍ଶାଏ ଯେ ପ୍ରକୃତ ଖ୍ରୀଷ୍ଟିଆନ ଜଣେ ପରମେଶ୍ୱରଙ୍କ ବିଚାରର ଏକ ଗୁଣଚରିତ୍ର ଅଟେ, ଏହା ପୂର୍ବେକି ଏକ ଜଗତ, ଏକ ତାରା, କିଅବା ଏକ ବାୟୁ, କିମ୍ବା ଅନ୍ୟ କିଛି ଥିଲା । ଏହା ତ ଅନନ୍ତ ଅଟେ, ଏବଂ ସେ ଆମମାନଙ୍କୁ ମୁକ୍ତ କରିବାକୁ ଆସିଛନ୍ତି । ଏହା ତ ପରମେଶ୍ୱରଙ୍କ ବିଚାର, ଏକ ଶବ୍ଦରେ କୁହାଗଲା, ପ୍ରକଟିତ କରାହେଲା ଏବଂ ପୁନଃ-...ତାହାଙ୍କର ବିଚାର ମଧ୍ୟକୁ ଫେରାଇ ଅଣାଗଲା ।

78 ନିକଟ ସମ୍ବନ୍ଧୀୟ ମୁକ୍ତିଦାତା! ସେହି କାରଣରୁ ହିଁ ପରମେଶ୍ୱରଙ୍କୁ ସ୍ୱୟଂ ଆମମାନଙ୍କ ମଧ୍ୟରୁ ଜଣେ ହେବାକୁ ପଡ଼ିଥିଲା, ଯେପରିକି ସେ ଆମମାନଙ୍କୁ ମୁକ୍ତ କରନ୍ତି । ଅନ୍ୟ କିଛି ଏହା କରିପାରି ନ ଥାଆନ୍ତା । ଜଣେ ଦୂତ ଏହା କରିପାରି ନ ଥାଆନ୍ତେ, ଅନ୍ୟ କିଛି ନୁହଁ । ଆମମାନଙ୍କୁ

ମୁକ୍ତ କରିବା ନିମନ୍ତେ, ତାହାଙ୍କୁ ଓହ୍ଲାଇ ଆସିବାକୁ ପଡ଼ିଥିଲା, ଆମମାନଙ୍କ ପରି ପ୍ରଲୋଭିତ ହେବାକୁ ପଡ଼ିଥିଲା ।

79 ତେବେ ଅବ୍ରହାମଙ୍କର ପ୍ରାକୃତିକ ବଂଶକୁ ଧ୍ୟାନ ଦିଅନ୍ତୁ । ଆସନ୍ତୁ ସେହି ପ୍ରାକୃତିକ ବଂଶ ମଧ୍ୟରୁ କେତେକଙ୍କୁ ଯାଞ୍ଚ କରିବା, ଓ ଦେଖିବା ଯେ ପରମେଶ୍ୱର ସେହି ପ୍ରାକୃତିକ ବଂଶ ସହିତ ତାହାଙ୍କର ବାକ୍ୟକୁ ରକ୍ଷା କଲେ କି ନାହିଁ, ଯାହାକି ଇସ୍‌ହାକ ଥିଲେ । ଆସନ୍ତୁ ସେହି ପ୍ରାକୃତିକ ବଂଶ ମଧ୍ୟରୁ କେତେକଙ୍କୁ ଯାଞ୍ଚ କରିବା ଯେଉଁମାନେକି ପରମେଶ୍ୱରଙ୍କ ସମ୍ପୂର୍ଣ୍ଣ ପ୍ରତିଜ୍ଞାକୁ ବିଶ୍ୱାସ କରିଥିଲେ ଏବଂ ସେମାନଙ୍କ ଏଥିରେ କୌଣସି ପ୍ରଶ୍ନ ନ ଥିଲା । ତେବେ ମନେରଖନ୍ତୁ, ସେଠାରେ ଦଶ ହଜାର ଗୁଣ ହଜାର ଗୁଣନ ହଜାର ହଜାର ଲୋକମାନେ ଥିଲେ ଯେଉଁମାନେକି ସୁନ୍ନତ ଥିଲେ ଏବଂ ସମସ୍ତକିଛି ଥିଲେ, ଆଉ ତଥାପି ଅବ୍ରହାମଙ୍କ ବଂଶ ନ ଥିଲେ । ନିଶ୍ଚିତରେ, "ବାହ୍ୟରୂପେ ଥିବା ଯିହୂଦୀ ଯିହୂଦୀ ନୁହେଁ; ମାତ୍ର ଯିଏକି ଅନ୍ତରରୁ ଯିହୁଦୀ ଅଟେ ।" ସେମାନେ, ସେମାନଙ୍କ ମଧ୍ୟରୁ ଅନେକେ, ବିଫଳ ହେଲେ, ଅତ୍ୟନ୍ତ ବିଫଳ ହେଲେ ।

80 ଦେଖନ୍ତୁ, ପ୍ରାନ୍ତରରେ, ସେମାନେ କହିଲେ, "ଆମେମାନେ..." ନିସ୍ତାରପର୍ବର ଦିନ, କିଅବା ସାଧୁ ଯୋହନ 6 ପର୍ବରେ ଜଳଶ୍ରୋତଠାରେ ପିଇବା ସମୟରେ । ସେମାନେ ସମସ୍ତେ ଆନନ୍ଦ ଉଲ୍ଲାସ କରିଥିଲେ ।

81 ଯୀଶୁ କହିଲେ, "ମୁଁ ପ୍ରାନ୍ତରରେ ଥିବା ସେହି ଶୈଳ ଅଟେ । ମୁଁ ପରମେଶ୍ୱରଙ୍କଠାରୁ ଆଗତ, ସ୍ୱର୍ଗରୁ ଆଗତ ସେହି ରୋଟି ଅଟେ, ଯଦି ଜଣେ ଲୋକ ଏହାକୁ ଖାଏ ତେବେ ସେ ମରିବ ନାହିଁ ।"

82 ସେମାନେ କହିଲେ, "ଆମର ପିତୃପୁରୁଷମାନେ ଚାଳିଶ ବର୍ଷ ଯାଏଁ, ପ୍ରାନ୍ତରରେ ମାନ୍ନା ଖାଇଥିଲେ ।"

ସେ କହିଲେ, "ଆଉ ସେମାନେ, ପ୍ରତ୍ୟେକ ଜଣ, ମରିଗଲେ ।"

83 *ମରିବା*, ସେହି ଶବ୍ଦକୁ ନିଅନ୍ତୁ ଓ ତାହାକୁ ଖୋଜନ୍ତୁ, ଦେଖନ୍ତୁ ଯେ ତାହାର ଅର୍ଥ କଅଣ, "ଅନନ୍ତକାଳ ନିମନ୍ତେ ପୃଥକୀକୃତ ।" ତଥାପି, ସେମାନେ ଅବ୍ରହାମଙ୍କ ବଂଶ ଥିଲେ । *ମୃତ୍ୟୁ*ର ଅର୍ଥ "ପୃଥକୀକରଣ, ବିନଷ୍ଟ ହେବା, ସମ୍ପୂର୍ଣ୍ଣ ଧ୍ୱଂସ ହେବା, ବିନାଶ ହୋଇଯିବା ।" ଯୀଶୁ କହିଲେ ଯେ ସେମାନେ ସମସ୍ତେ ମରି ଯାଇଥିଲେ, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ, ତଥାପି ସେମାନେ ସୁନ୍ନତ ହୋଇଥିବା ଯିହୁଦୀମାନେ ଥିଲେ ।

84 ଦେଖନ୍ତୁ, ଦୟନୀୟ ଲୋକମାନଙ୍କୁ, କେବଳ ଯେହେତୁ ଆମେମାନେ ମେଥୋଡିଷ୍ଟ, ବାପଟିଷ୍ଟ, ପ୍ରେସ୍‌ବିଟେରିଆନ୍ ଅଟୁ, ଏକ ଛୋଟ ସ୍ୱୀକାରୋକ୍ତି ରଖିଅଛୁ, ଏବଂ ସେହିପରି ବିଷୟଗୁଡ଼ିକୁ ରଖିଅଛୁ; ତାହାହେଲେ ଶୟତାନ ମଧ୍ୟ ଠିକ୍ ସେତିକି ବିଶ୍ୱାସ କରେ ଯେତିକି ଆମେ କରିଥାଉ ।

85 ମାତ୍ର ଆପଣଙ୍କୁ ତ ତାହା ସହିତ ଚିହ୍ନିତ ହେବାକୁ ପଡ଼େ । ପବିତ୍ରଆତ୍ମାଙ୍କର ଏକ ମୁଦ୍ରାଙ୍କନ ଦ୍ୱାରା, ପରମେଶ୍ୱରଙ୍କୁ ତାହାର ସାକ୍ଷୀ ଦେବାକୁ ରହିଥାଏ । ବାକ୍ୟର କୌଣସି ପ୍ରଶ୍ନ ନୁହେଁ!

86 ଯଦି ଆପଣ କହନ୍ତି, "ଆଚ୍ଛା, ବର୍ତ୍ତମାନ, ତାହା ତ ଅନ୍ୟ ଦିନ ପାଇଁ ଥିଲା," ତାହାହେଲେ କିଛି ଗୋଟାଏ ଭୁଲ୍ ଅଛି ।

87 କଅଣ ହେବ ଯଦି ଜଣେ ବ୍ୟକ୍ତି ଦୌଡ଼ି ଆସେ, ଏବଂ ଆପଣ ତାଙ୍କୁ କହନ୍ତି ଯେ ଆଲୋକ ଉଜ୍ଜ୍ୱଳ ହେଉଅଛି, ଆଉ ସେ ତଳ ଭୂ-ଗୃହକୁ ଦୌଡ଼ିଯାଏ, ଓ କହେ, "ମୁଁ ଏହାକୁ ନାସ୍ତି କରେ । ମୁଁ ଏହାକୁ ଅସ୍ୱୀକାର କରେ । ଆଲୋକ ଭଳି କୌଣସି ବିଷୟ ହିଁ ନାହିଁ । ମୁଁ ଏହାକୁ ବିଶ୍ୱାସ କରେ ନାହିଁ"? ତେବେ ସେହି ବ୍ୟକ୍ତିଙ୍କ ସହିତ କିଛି ଗୋଟାଏ ସମସ୍ୟା ରହିଥିବ । ସେ ମାନସିକ ଭାବେ ବିବ୍ରତ ହୋଇଥିବ । ଯଦି ସେ ଏହାର ଉଷ୍ମ କିରଣ ଏବଂ ଏହାର ଜୀବନ-ଦାୟକ ଉତ୍ସକୁ ମନା କରିଦିଏ, ତେବେ ମାନସିକ ଭାବରେ, ତା' ସହିତ କିଛି ଗୋଟାଏ ସମସ୍ୟା ଅଛି ।

88 ଆଉ ଯେତେବେଳେ ଜଣେ ବ୍ୟକ୍ତି ପରମେଶ୍ୱରଙ୍କ ବାକ୍ୟକୁ, ନିଜ ଆଗରେ ସ୍ପଷ୍ଟ ହେବାର, ଓ ଚିହ୍ନିତ ହେବାର ଦେଖିଥାଏ, ଏବଂ ତାହାପରେ ଯାଇ ତାହାର ନାମଧାରୀ ପରଦାଗୁଡ଼ିକୁ ଟାଣି ବନ୍ଦ କରିଦିଏ, ତେବେ ଆତ୍ମିକ ଭାବରେ, ସେହି ବ୍ୟକ୍ତିଙ୍କ ସହିତ କିଛି ଗୋଟାଏ ସମସ୍ୟା ଅଛି । ତାହା ସହିତ କିଛି ଗୋଟାଏ ସମସ୍ୟା ଅଛି । ଆତ୍ମିକ ଭାବରେ କିଛି ଗୋଟାଏ ଭୁଲ୍ ଅଛି । ସେ ଏହାକୁ ଗ୍ରହଣ ହିଁ କରିପାରେ ନାହିଁ । "ଅନ୍ଧ, ପୁଣି ତାହା ଜାଣନ୍ତି ନାହିଁ," ବିଚାର ଆଡ଼କୁ ଚାଲି ଯାଉଥାଆନ୍ତି, ଆଉ ପରମେଶ୍ୱର ବିଚାରକର୍ତ୍ତା ହେବେ ।

89 ଧ୍ୟାନ ଦିଅନ୍ତୁ ଯେତେବେଳେ ସେମାନେ—ସେମାନେ ଏହା କଲେ, ଆଉ ତେବେ ଏହି ବଂଶଗୁଡ଼ିକ ଯେଉଁମାନେକି ତାହା ବିଶ୍ୱାସ କଲେ, ଦେଖନ୍ତୁ ଯେ କ'ଣ ଘଟିଥିଲା । ଆସନ୍ତୁ ବର୍ତ୍ତମାନ ସେମାନଙ୍କ ମଧ୍ୟରୁ, ଅବ୍ରହାମଙ୍କ ବଂଶ ମଧ୍ୟରୁ କେତେକଙ୍କୁ ଯାଞ୍ଚ କରିବା ।

90 ଆସନ୍ତୁ ଏବ୍ରୀୟ ବାଳକମାନଙ୍କୁ ନେବା, କାରଣ ସେମାନେ ସତ୍ୟନିଷ୍ଠ ଭାବେ ଛିଡ଼ା ହୋଇଥିଲେ ଏବଂ ପ୍ରତିମା-ପୂଜାକୁ ସହ୍ୟ କରି ନ ଥିଲେ । ସେହି ଦେଶର ରାଜା ଯେଉଁ ପ୍ରତିମାକୁ ନିର୍ମାଣ କରିଥିଲେ ସେମାନେ ତାହାକୁ ପ୍ରଣାମ କରିବାକୁ ନାସ୍ତି କଲେ । ଏହା ତ ଜଣେ ପବିତ୍ର ବ୍ୟକ୍ତିଙ୍କ ପତିମୂର୍ତ୍ତିରେ, ଏପରିକି, ଦାନିୟେଲଙ୍କ ପ୍ରତିମୂର୍ତ୍ତିରେ ନିର୍ମାଣ କରା ଯାଇଥିଲା ।

91 ତାହା ଏହା ଦର୍ଶାଇଲା ଯେ ସେହି ବିଜାତୀୟ ଗୋଷ୍ଠୀକୁ ଜଣେ ପବିତ୍ର ବ୍ୟକ୍ତିଙ୍କର ପ୍ରତିମୂର୍ତ୍ତିର ଉପାସନାର ଦ୍ୱାରା, ମିଥ୍ୟା ପାର୍ଶ୍ୱ ତଳେ ଭିତରକୁ ଅଣାଯାଇଥିଲା । ତାହା ସେହି ସମାନ ଭାବରେ ବାହାରକୁ ଯାଏ, ଯେତେବେଳେକି ଲୋକମାନଙ୍କୁ ଲୋକମାନଙ୍କର ପ୍ରତିମାଗୁଡ଼ିକୁ ଉପାସନା କରିବା ପାଇଁ ବାଧ୍ୟ କରାଯିବ । ତାହା ପ୍ରକାଶନ ଦ୍ୱାରା ଆସିଥାଏ, ଯେତେବେଳେ କାନ୍ଥରେ ହସ୍ତଲିଖନ ଦ୍ୱାରା ଲେଖା ଯାଇଥିବା ବାକ୍ୟକୁ, ଦାନିୟେଲ ବ୍ୟାଖ୍ୟା କରିବାରେ ସକ୍ଷମ ହେବେ । ସେହି ପ୍ରକାରେ ତ ତାହା ଭିତରକୁ ଆସେ, ଏବଂ ସେହି

ପ୍ରକାରେ ତାହା ବାହାରକୁ ଯାଏ, ଠିକ୍ ସେହି ସମାନ ଭାବରେ, ବିଜାତୀୟମାନଙ୍କର ସେହି ପ୍ରତିମୂର୍ତ୍ତିରେ ।

92 ଧ୍ୟାନ ଦିଅନ୍ତୁ, ସେମାନେ ତାହା କରିବାକୁ ନାସ୍ତି କଲେ । ଆଉ ସେମାନେ କଅଣ କଲେ? ସେମାନେ ଅବ୍ରହାମଙ୍କ ବଂଶ ଥିଲେ ଯେଉଁମାନେକି ବାକ୍ୟ ସହିତରେ ସତ୍ୟନିଷ୍ଠ ଭାବେ ଛିଡ଼ା ହୋଇଥିଲେ, ଏବଂ ସେମାନେ ଅଗ୍ନିର ଦ୍ୱାରକୁ, ଶତ୍ରୁର ଦ୍ୱାରକୁ ଅଧିକାର କରିଥିଲେ । ସେମାନେ ତାହା କରିଥିଲେ । ତେବେ, ପରମେଶ୍ୱରଙ୍କ ବାକ୍ୟ ସତ୍ୟ ଅଟେ ।

93 ଦାନିୟେଲଙ୍କୁ, ସେହି ଏକମାତ୍ର ପ୍ରକୃତ ପରମେଶ୍ୱରଙ୍କ ଉପାସନା ବିଷୟ ନେଇ ପରୀକ୍ଷିତ କରା ଯାଇଥିଲା । ଏହା ପାଇଁ ତାଙ୍କୁ ପରୀକ୍ଷା କରାଯାଇଥିଲା । ଏବଂ ପରୀକ୍ଷାର ସେହି ସମୟରେ, ସେ ପରୀକ୍ଷାରେ ଛିଡ଼ା ହୋଇରହିଲେ । ଆଉ ତେବେ ପରମେଶ୍ୱର କଅଣ କଲେ, ଯେତେବେଳେକି ଏହା ତାହାଙ୍କ ପାଇଁ ସମୟ ପ୍ରତିକୂଳ ଥିବା ପରି ଦେଖାଗଲା, ଯେପରିକି ଆମେ ତାକୁ କହିଥାଉ? ଆଉ ସେମାନେ ଜାଣି ନ ଥିଲେ ଯେ କଅଣ କରିବାକୁ ଥିଲା । ସେମାନେ ତ ତାହାଙ୍କୁ ସିଂହକୁ ଖାଇବା ପାଇଁ ଦେବାକୁ ଯାଉଥିଲେ । ମାତ୍ର ଦାନିୟେଲ ପରୀକ୍ଷାରେ ସତ୍ୟନିଷ୍ଠ ଭାବେ ଛିଡ଼ା ରହିଲେ, ଯେ ଜଣେ ମାତ୍ର ପ୍ରକୃତ ପରମେଶ୍ୱର ଅଛନ୍ତି, ଏବଂ ସେ ତାଙ୍କର ଶତ୍ରୁର ଦ୍ୱାରକୁ ଅଧିକାର କରିଛନ୍ତି । ପରମେଶ୍ୱର ସିଂହର ମୁଖକୁ ବନ୍ଦ କରି ଦେଇଥିଲେ ।

94 ମୋଶା ପରୀକ୍ଷାର ସମୟରେ, ସେହି ଭଣ୍ଡ ଛଳନାକାରୀ, ଯନ୍ନୀସ୍ ଓ ଯମ୍ବ୍ରୀସଙ୍କ ସମ୍ମୁଖରେ, ପ୍ରତିଜ୍ଞା କରାଯାଇଥିବା ବାକ୍ୟ ପ୍ରତି ସତ୍ୟନିଷ୍ଠ ରହିଥିଲେ । ଦେଖନ୍ତୁ, ପରମେଶ୍ୱର ତାଙ୍କୁ ପରମ ଅଲୌକିକରେ, ସାକ୍ଷାତ୍ କରିଥିଲେ, ତାଙ୍କୁ ଏହିସବୁ ବିଷୟ ଯାଇ କରିବାକୁ, ଏହି ଚିହ୍ନଗୁଡ଼ିକୁ ଦେଖାଇବାକୁ କହିଥିଲେ, ଆଉ ପ୍ରତ୍ୟେକ ଚିହ୍ନର ଏକ ରବ ରହିବ । ମୋଶା ଠିକ୍ ସେତିକି ଯଥାର୍ଥ ଭାବେ ସେଠାରେ ତଳକୁ ଗଲେ, ଯେତିକି ସଠିକ୍ ଭାବେ ସେ ଜାଣିଥିଲେ । ସେ ବାଡ଼ିଟିକୁ ଫିଙ୍ଗିଦେଲେ, ଆଉ ତାହା ଏକ ସର୍ପରେ ପରିଣତ ହେଲା । ଆପଣ ଜାଣିଛନ୍ତି ଯେ କଅଣ ଘଟିଲା? ସେହି ଛଳନାକାରୀମାନେ ଏଠାକୁ ଆସିଲେ ଓ ସେହି ସମାନ କାର୍ଯ୍ୟ କଲେ ।

95 ବର୍ତ୍ତମାନ, ମୋଶା ତାଙ୍କର ହାତ ଉଠାଇ, ଏହା କହିଲେ ନାହିଁ ଯେ, "ତେବେ, ମୁଁ ଅନୁମାନ କରେ ଯେ ଏହା ସବୁ ଭୁଲ୍ ଅଟେ ।" ସେ ସେଠାରେ ରହିଲେ ଓ ପରମେଶ୍ୱରଙ୍କଠାରେ ଅପେକ୍ଷା କଲେ । ସେ ସତ୍ୟନିଷ୍ଠ ରହିଲେ । ଏଥିରେ କିଛି ଯାଏ ଆସେ ନାହିଁ ଯେ ସେଠାରେ କେତେ ଛନାକାରୀମାନେ ଥିଲେ, ସେ ସତ୍ୟନିଷ୍ଠ ରହିଲେ । ଆଉ ଯେତେବେଳେ ସେ ସେହି ଲୋକମାନଙ୍କୁ ସେହି ସ୍ଥାନରୁ ବାହାର କରି ଆଣିବାର, ତାହାଙ୍କର ପ୍ରତ୍ୟାଦେଶ ପ୍ରତି ସତ୍ୟନିଷ୍ଠ ରହିଲେ, ଯେତେବେଳେକି ସେହି ଜଳ ଫାଟକ ତାଙ୍କର ମାର୍ଗରେ ଆସି ଛିଡ଼ାହେଲା, ପରମେଶ୍ୱର ତାଙ୍କୁ ତାହା ଅଧିକାର କରିବାକୁ ଦେଲେ, ଏବଂ ସେ ସେହି ଅଗ୍ନି ସ୍ତମ୍ଭ ଦ୍ୱାରା ଯାହାକି ତାଙ୍କୁ ମାର୍ଗଦର୍ଶନ କରୁଥିଲା ସେହି ଫାଟକକୁ ଖୋଲିଦେଲେ । ସେ ସେହି ଲୋକମାନଙ୍କୁ ପ୍ରତିଜ୍ଞାତ ଦେଶ ମଧ୍ୟକୁ କଢ଼େଇ ନେଲେ ।

96 ଯିହୋଶୂୟ, ଆଉ ଜଣେ ମହାନ ନେତା । କେବଳ ଦୁଇ ଜଣ...ମଧ୍ୟରୁ, ଯିହୋଶୂୟ ଏବଂ କାଲେବ ପ୍ରତିଜ୍ଞାତ ଦେଶ ମଧ୍ୟକୁ ଗଲେ । ସେମାନେ କାଦେଶ ନାମକ ଏକ ସ୍ଥାନକୁ ଆସିଲେ, ଯାହାକି ସେହି ସମୟରେ ଜଗତର କେନ୍ଦ୍ରବିନ୍ଦୁ ଥିଲା, ଏହିପରି ଭାବରେ ଯେ ତାହା ବିଚାରର ସିଂହାସନ ଥିଲା । ଏବଂ, ଓଃ, ସେମାନେ ସେହି ଦେଶକୁ ଦେଖିବା ପାଇଁ ବାରଜଣ ଗୁପ୍ତଚରକୁ ପଠାଇଲେ, ଏବଂ ସେମାନଙ୍କ ମଧ୍ୟରୁ ବାରଜଣ ଫେରି ଆସିଲେ ।

97 ସେମାନଙ୍କ ମଧ୍ୟରୁ ଦଶଜଣ କହିଲେ, "ଓଃ, ଏହା ତ ଏକ ବହୁତ କଷ୍ଟକର କାମ ଅଟେ । ଆମେ ତ ତାହା କରିପାରିବା ନାହିଁ । ତେବେ, ସେହି ଲୋକମାନେ, ଆମେମାନେ ତ ସେମାନଙ୍କ ପାର୍ଶ୍ୱରେ ଫଡ଼ିଙ୍ଗ ପରି ଦେଖାଯାଉ ।"

98 ମାତ୍ର ଯିହୋଶୂୟ କଅଣ କଲେ? ସେ ଲୋକମାନଙ୍କୁ ସୁସ୍ଥିର କଲେ । ସେ କହିଲେ, "ଗୋଟିଏ ମିନିଟ୍ ରୁହ । ଆମେମାନେ ତାହାକୁ ଅଧିକାର କରିବାକୁ ଯଥେଷ୍ଟ ସକ୍ଷମ ଅଟୁ, ଏଥିରେ କିଛି ଯାଏ ଆସେ ନାହିଁ ଯେ ଆମେ କେତେ ଛୋଟ ଅଟୁ, କିଅବା ଆମେ କେତେ ସଂଖ୍ୟାଲଘୁ ଅଟୁ ।" ସେ କଅଣ କରୁଥିଲେ? ସେ ସେହି ପ୍ରତିଜ୍ଞା ପ୍ରତି ସତ୍ୟନିଷ୍ଠ ଭାବେ ଛିଡ଼ା ହେଉଥିଲେ, "ମୁଁ ତୁମକୁ ଏହି ଦେଶ ଦେଉଅଛି," ମାତ୍ର ତୁମେ ଏହାର ପ୍ରତ୍ୟେକ ଇଞ୍ଚ ନିମନ୍ତେ ଲଢ଼େଇ କର ।

99 ମାଆ, କଅଣ ଆପଣ ଏହାକୁ ବିଶ୍ୱାସ କରନ୍ତି? ପରମେଶ୍ୱର ଆପଣଙ୍କୁ ଆପଣଙ୍କର ଆରୋଗ୍ୟତା ଦେଇଅଛନ୍ତି, ମାତ୍ର ଆପଣ ତାହାର ପ୍ରତ୍ୟେକ ଇଞ୍ଚ ନିମନ୍ତେ ଲଢ଼େଇ କରିବେ । "ଯେଉଁଠାରେ ତୁମର ପାଦ ପଡ଼େ, ତାହା ମୁଁ ତୁମକୁ ଅଧିକାର ନିମନ୍ତେ ଦିଏ ।" *ପଦଚିହ୍ନ*ର ଅର୍ଥ "ଅଧିକାର ।" ଏହା ସବୁ ଆପଣଙ୍କର ଅଟେ, ପ୍ରତ୍ୟେକ ପ୍ରତିଜ୍ଞା ଆପଣଙ୍କ ନିମନ୍ତେ ଅଟେ, ମାତ୍ର ବର୍ତ୍ତମାନ ଆପଣ ପ୍ରତ୍ୟେକ ଇଞ୍ଚ ନିମନ୍ତେ ଲଢ଼େଇ କରିବେ ।

100 ତେବେ, ଯିହୋଶୂୟ ଜାଣିଥିଲେ ଯେ ପରମେଶ୍ୱର କଅଣ କହିଛନ୍ତି । ସେ ଅବ୍ରହାମଙ୍କର ଏକ ବଂଶ ଥିଲେ । ଦେଖନ୍ତୁ? ସେ କହିଲେ, "ମୁଁ ତାହା ବିଶ୍ୱାସ କରେ, ଯେ ପରମେଶ୍ୱର ଆମକୁ ସେହି ଦେଶ ଦେଇଛନ୍ତି, ଏବଂ ଆମେ ତାହାକୁ ଅଧିକାର କରିବା ନିମନ୍ତେ ଯଥେଷ୍ଟ ସକ୍ଷମ ଅଟୁ ।" ଆଉ ଯେହେତୁ ସେ ସମଗ୍ର ଇସ୍ରାଏଲୀୟ ଗୋଷ୍ଠୀ ବିରୁଦ୍ଧରେ, ସେହି ପରୀକ୍ଷାକୁ ସମ୍ମୁଖୀନ କଲେ, ସମସ୍ତ ଜାତି ଏବଂ ସମସ୍ତ ଲୋକ ଶୋକିତ ହୋଇ କ୍ରନ୍ଦନ କଲେ । ଯିହୋଶୂୟ କହିଲେ, "ସୁସ୍ଥିର ରୁହ! ପରମେଶ୍ୱର ପ୍ରତିଜ୍ଞା କରିଛନ୍ତି ।"

101 ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ କେତେ ବଡ଼ ଅଟନ୍ତି, ଆଉ ବିରୋଧୀ କଅଣ ଅଟେ, ଏବଂ ଡାକ୍ତର କଅଣ କହିଛନ୍ତି, ପରମେଶ୍ୱର ତ ପ୍ରତିଜ୍ଞା ଦେଇଅଛନ୍ତି । ଏହା କରିବା ତ ପରମେଶ୍ୱରଙ୍କ ଉପରେ ନିର୍ଭର କରେ ।

102 ସେ କଅଣ କଲେ? ଯେତେବେଳେ ସେ ଯର୍ଦ୍ଦନ ନଦୀ ପାଖକୁ ଓହ୍ଲାଇ ଆସିଲେ, ସେ ଫାଟକକୁ ଅଧିକାର କଲେ । ଏହାହିଁ ଥିଲା ଯାହାକି ସେ—ସେ କରିଥିଲେ ।

103 ଯିରୀହୋ, ତାହା ତ ଏପରି ବେଷ୍ଟିତ ଥିଲା ଯେପରିକି ଏକ କଇଁଛ ତା'ର ଖୋଳରେ ବନ୍ଦ ଥାଏ। ସେ କ'ଣ କଲେ? ସେ ଫାଟକକୁ ଅଧିକାର କଲେ।

104 ଏପରିକି ଦିନେ ଯେତେବେଳେ ତାଙ୍କର ଶତ୍ରୁ ତାଙ୍କ ବିରୁଦ୍ଧରେ ଲଢ଼ିବାକୁ ଚେଷ୍ଟା କରୁଥିଲା, ସେ ତାଙ୍କର ଶତ୍ରୁର ଫାଟକକୁ ଏତେ ଅଧିକାର କଲେ ଯେ ସେ ସୂର୍ଯ୍ୟଙ୍କୁ ସ୍ଥିର ରହିବାକୁ ଆଦେଶ ଦେଇଥିଲେ। ଆଉ ସୂର୍ଯ୍ୟ ତାଙ୍କର କଥା ଆଜ୍ଞାପାଳନ କଲା, ଏବଂ ଚବିଶ-ଘଣ୍ଟା ପର୍ଯ୍ୟନ୍ତ କଦାପି ଘୂରିଲା ନାହିଁ।

105 ପରମେଶ୍ୱର ଆପଣା ପ୍ରତିଜ୍ଞା ପ୍ରତି ସତ୍ୟନିଷ୍ଠ ଅଟନ୍ତି, ଯାଏ ଆସେ ନାହିଁ ଯେ ତାହାଙ୍କୁ କଅଣ କରିବାକୁ ପଡ଼େ; ସେ ତାହାଙ୍କର ବାକ୍ୟକୁ ପରାସ୍ତ ହେବାକୁ ଦେବା ପୂର୍ବରୁ ସ୍ୱର୍ଗକୁ ଦେବାଳିଆ କରିଦେବେ। ସେ କଦାପି ଏପରି ଏକ ପ୍ରତିଜ୍ଞା କରିନାହାଁନ୍ତି ଯାହା ସେ ରକ୍ଷା କରିପାରିବେ ନାହିଁ। "ମୁଁ ସଦାପ୍ରଭୁ ଯିଏକି ତୁମ୍ଭର ସମସ୍ତ ରୋଗ ସୁସ୍ଥ କରନ୍ତି। ଯଦି ସେମାନେ ରୋଗୀମାନଙ୍କ ଉପରେ ହାତ ରଖିବେ, ସେମାନେ ସୁସ୍ଥ ହୋଇଯିବେ।" ଆମେନ୍। "ଯଦି ତୁମେ ବିଶ୍ୱାସ କରିପାର, ସବୁ ବିଷୟ ସମ୍ଭବ।"

106 ଯିହୋଶୂୟ ତାହା ବିଶ୍ୱାସ କଲେ, ଯଦିଓ ପରମେଶ୍ୱରଙ୍କୁ ପୃଥିବୀର ଘୂରିବା ବିଷୟକୁ ଅଟକାଇବାକୁ ପଡ଼ିଥିଲା। ତାହାଙ୍କର ନିଜର ଶକ୍ତି ଦ୍ୱାରା, ଅନ୍ୟ କୌଣସି ଶକ୍ତି ଦ୍ୱାରା ତାହାକୁ ସେଠାରେ ଧରି ରଖିଲେ; ଯେପରିକି ପୃଥିବୀ ଚବିଶ-ଘଣ୍ଟା ପାଇଁ କଦାପି ଘୂରିଲା ନାହିଁ, ଯେପର୍ଯ୍ୟନ୍ତକି ଯିହୋଶୂୟ ନିଜ ଶତ୍ରୁଠାରୁ ପ୍ରତିଶୋଧ ନ ନେଇ ନେଲେ। ସେ ଫାଟକକୁ ଅଧିକାର କଲେ। ନିଶ୍ଚିତରେ, ସେ ତାହା କଲେ। ପରମେଶ୍ୱର ସଦାକାଳ ସତ୍ୟ ଅଟନ୍ତି।

107 ତେବେ ମୋର ଇଚ୍ଛା ଯେ ଆମ ପାଖରେ ଆହୁରି ବୀରମାନଙ୍କୁ ଦେଖିବାର ସମୟ ଥାଆନ୍ତା, ମାତ୍ର ମୋ ପାଖରେ ବର୍ତ୍ତମାନ ପ୍ରାୟଃ ଦଶ ମିନିଟ୍ ହିଁ ଅଛି। ଦେଖନ୍ତୁ, ଏହି ସମସ୍ତ ମୂଲ୍ୟବାନ ବୀରମାନଙ୍କୁ, ଯେପରିକି ସେମାନେ ଥିଲେ, ଏବଂ ବିଶ୍ୱାସର ମହାନ ଯୋଦ୍ଧାମାନେ, ସେମାନେ ସମସ୍ତେ ମୃତ୍ୟୁର ଦ୍ୱାର ନିକଟରେ ମୃତ୍ୟୁବରଣ କରିଥିଲେ। ସେମାନେ ସମସ୍ତେ ଠିକ୍ ମୃତ୍ୟୁର ଦ୍ୱାର ନିକଟରେ, ବିନଷ୍ଟ ହୋଇଥିଲେ।

108 ତାହାପରେ ଅବ୍ରହାମଙ୍କ ରାଜକୀୟ ବଂଶ ଆସିଲା। ସେମାନେ ସମସ୍ତେ ପ୍ରାକୃତିକ ବଂଶ ଥିଲେ, ଇସ୍ହାକଙ୍କଠାରୁ। ମାତ୍ର ଏଠାରେ ଅବ୍ରହାମଙ୍କର ରାଜକୀୟ ବଂଶ ଆସିଲା, ଯାହାକି ଖ୍ରୀଷ୍ଟ ଥିଲେ, ଅବ୍ରହାମଙ୍କର ବିଶ୍ୱାସର ବଂଶ; ଯାହାକି ଆମେମାନଙ୍କର ହେବାର ଅଛି, ତେବେ କେବଳ ଦେଖିବା ଯେ ଆମେମାନେ ସେହିପରି ଅଛୁ କି ନାହିଁ। ପ୍ରାକୃତିକ ବଂଶ ତ କେବଳ ଏକ ପ୍ରତିରୂପ ଥିଲା। ଅନ୍ୟ ସମସ୍ତେ ତ ପ୍ରାକୃତିକ ଜନ୍ମରୁ ଜନ୍ମ ହୋଇଥିଲେ, ମାତ୍ର ସେ ଏକ କୁମାରୀ ଜନ୍ମରୁ ଆସିଲେ। ଦେଖନ୍ତୁ, ସେତେବେଳେ, ଜଣେ ଯିହୁଦୀ, ତାହା ଅବ୍ରହାମଙ୍କ ବଂଶରୁ ନ ଥିଲା। ସେ ତ ପ୍ରତିଜ୍ଞାର ସେହି ବିଶ୍ୱାସର ବଂଶ ଦ୍ୱାରା ଆସିଲେ। ଆଉ, ତାହାପରେ, ଆମେମାନଙ୍କୁ ତ ଏହି ବ୍ୟକ୍ତିଙ୍କ ମାଧ୍ୟମରେ, ତାହାଙ୍କର ସନ୍ତାନ ହେବାର ଅଛି।

109 ଦେଖନ୍ତୁ ଯେ ସେ କଅଣ କରିଥିଲେ । ଯେତେବେଳେ ସେ ଧରାପୃଷ୍ଠରେ ଥିଲେ, ସେ ଶତ୍ରୁମାନଙ୍କ ପାଖରେ ଥିବା ପ୍ରତ୍ୟେକଟି ଫାଟକକୁ ଜୟ କରିଥିଲେ ଏବଂ ଅଧିକାର କରିଥିଲେ; ସେହି ରାଜକୀୟ ବଂଶ । ସେ ଏହାକୁ ବାକ୍ୟ ଦ୍ୱାରା ପ୍ରତିଜ୍ଞା କରିଥିଲେ । ସେ ଏହାକୁ ଜୟ କରିଥିଲେ । ସେ ଆମମାନଙ୍କ ପାଇଁ, ରୋଗଗୁଡ଼ିକର ଫାଟକକୁ ଜୟ କରିଥିଲେ । ତାହାହିଁ ଥିଲା ଯାହାକି ସେ କରିବାକୁ ଆସିଥିଲେ । ସେ, ମନେରଖନ୍ତୁ, ଅସୁସ୍ଥ ଲୋକମାନେ, ସେ ସେହି ଫାଟକକୁ ଜୟ କରିଥିଲେ । ଆପଣଙ୍କୁ ତାହା ଜୟ କରିବାକୁ ପଡ଼େ ନାହିଁ; ସେ ଏହାକୁ ଜୟ କରିଅଛନ୍ତି । ଅନ୍ୟ ପୁରୁଷମାନଙ୍କୁ ସେମାନଙ୍କର ନିଜ ଦ୍ୱାରକୁ ଜୟ କରିବାକୁ ପଡ଼ିଥିଲା । ମାତ୍ର ଆପଣଙ୍କୁ ଜୟ କରିବାକୁ ପଡ଼େ ନାହିଁ; ଏହା ତ ଜୟ କରାଯାଇ ସାରିଅଛି । ସେ ରୋଗର ଫାଟକଗୁଡ଼ିକୁ ଜୟ କରିଥିଲେ । ଆଉ ଯେତେବେଳେ ସେ ରୋଗର ଫାଟକଗୁଡ଼ିକୁ ଜୟ କଲେ ସେ କ'ଣ କରିଥିଲେ? ଏହା କହିଥିଲେ ଯେ ସେ କରିବେ…ପୃଥିବୀରେ ତୁମେ ଯାହାକିଛି ମାଗ, ଏବଂ ପୃଥିବୀରେ ତୁମେ ଯାହାକିଛି ବାନ୍ଧ, ସେ ସ୍ୱର୍ଗରେ ତାହାକୁ ବାନ୍ଧିବେ, ଆମକୁ ଫାଟକର ଚାବିଗୁଡ଼ିକ ଦେବେ ।

110 ସେ ବାକ୍ୟ ଦ୍ୱାରା, ପ୍ରଲୋଭନର ଫାଟକକୁ ଜୟ କଲେ । ଏବଂ ଚାବିଗୁଡ଼ିକ ହେଲା, "ଶତ୍ରୁକୁ ପ୍ରତିରୋଧ କର, ଆଉ ସେ ତୁମଠାରୁ ପଳାଇବ ।" ସେ ଏହା ସବୁକୁ ଜୟ କଲେ; ପ୍ରତ୍ୟେକ ରୋଗଗୁଡ଼ିକୁ ଜୟ କଲେ ।

111 ସେ ମୃତ୍ୟୁକୁ ଜୟ କଲେ, ଏବଂ ସେ ନରକକୁ ଜୟ କଲେ । ସେ ମୃତ୍ୟୁ ଓ ନରକକୁ ଜୟ କଲେ । ସେ ତାହା ଜୟ କଲେ ଯାହା ଅନ୍ୟମାନେ ଜୟ କରିପାରି ନ ଥିଲେ, କାରଣ ସେମାନେ ପ୍ରାକୃତିକ ବଂଶର ଥିଲେ । ଏହା ତ ଆତ୍ମିକ ବଂଶ ଅଟେ । ସେ କବରର ଫାଟକକୁ ଜୟ କଲେ, ଏବଂ ଆମର ଧାର୍ମିକତା ନିମନ୍ତେ, ତୃତୀୟ ଦିନରେ ଉଠିଥିଲେ ।

112 "ଆଉ ବର୍ତ୍ତମାନ ଆମେମାନେ ଜୟକାରୀମାନଙ୍କ ଅପେକ୍ଷା ଅଧିକ ଅଟୁ ।" ଆମେମାନେ ତ କେବଳ ଏକ ଅଧିକାର, "ବିଜେତାମାନଙ୍କ ଅପେକ୍ଷା ଅଧିକ" ସ୍ୱରୂପେ, ଏହା ଭିତରକୁ ଠିକ୍ ପ୍ରବେଶ କରୁ । ବର୍ତ୍ତମାନ ଆମେମାନେ ଏକ ପରାଜିତ ଶତ୍ରୁ ସହିତ ବ୍ୟବହାର କରୁଅଛୁ । ଅସୁସ୍ଥତା ପରାଜିତ ହୋଇଅଛି । ମୃତ୍ୟୁ ପରାଜିତ ହୋଇଅଛି । ନରକ ପରାଜିତ ହୋଇଅଛି । ସବୁକିଛି ପରାଜିତ ହୋଇଅଛି । ହେ, ମୋର ପ୍ରଭୁ! ଇଚ୍ଛା କରେ ଯେ ମୁଁ କାଳେ ମୋ ଆକାରର ଦୁଇଗୁଣ ହୋଇଥାଆନ୍ତି, ତେବେ ବୋଧହୁଏ ମୁଁ ଦୁଇଗୁଣ ଭଲ ଅନୁଭବ କରୁଥାଆନ୍ତି । ଆମେମାନେ ଏକ ପରାଜିତ ଶତ୍ରୁ ସହିତ ବାଦବିବାଦ କରୁଅଛୁ ।

113 ଏଥିରେ କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ପାଉଲ କହି ପାରିଥିଲେ, ଯେତେବେଳେ ତାଙ୍କର ମୁଣ୍ଡ କାଟ କରିବା ପାଇଁ, ସେମାନେ ଏକ କାଠର ମଞ୍ଚା ନିର୍ମାଣ କରୁଥିଲେ, ସେ କହିଥିଲେ, "ହେ ମୃତ୍ୟୁ, କାହିଁ ତୋର ନାହୂଡ଼? ମୋତେ ଦେଖା ଯେ ତୁ ମୋତେ କେଉଁଠାରେ ଛଟପଟ କରାଇପାରିବୁ ଓ ଚିତ୍କାର କରାଇପାରିବୁ । କବର, କାହିଁ ତୋର ଜୟ, ଆଉ ତୁ ଭାବୁଛୁ ଯେ ତୁ କଅଣ ମୋତେ ସେଠାରେ ଡରକାଇ ଦେବୁ? ମୁଁ ତୋତେ ସେଠାରେ

ଗୋଟିଏ ଖାଲି ସ୍ଥାନ ଆଡ଼କୁ ଇଙ୍ଗିତ କରିବି; ଆଉ ମୁଁ ତାହାଙ୍କଠାରେ ଅଛି, ଶେଷ ଦିନରେ ସେ ମୋତେ ଉଠାଇବେ।" ଏକ ପରାଜିତ ଶତ୍ରୁ!

114 ଅବ୍ରହାମଙ୍କର ସେହି ରାଜକୀୟ ବଂଶ! ତେବେ, ପ୍ରାକୃତିକ ବଂଶ ତାହା ଆଡ଼କୁ ଇଙ୍ଗିତ କରିପାରେ ନାହିଁ। ମାତ୍ର ସେହି ରାଜକୀୟ ବଂଶ ଜୟ କରିପାରେ, ଜୟ କରି ସାରିଅଛି, କାରଣ ସେ ଆମ ଆଗରେ ଯାଇଅଛନ୍ତି ଓ ଆମ ପାଇଁ ପ୍ରତ୍ୟେକ ଫାଟକକୁ ଜୟ କରିଅଛନ୍ତି। ସେ ବର୍ତ୍ତମାନ, ଦୁଇ ହଜାର ବର୍ଷ ପରେ, ସେହି ଶକ୍ତିଶାଳୀ ବିଜେତା, ସେ ଆମମାନଙ୍କ ମଧ୍ୟରେ ଛିଡ଼ା ହୋଇଛନ୍ତି। କେବଳ ଯେ ସେ ଅସୁସ୍ଥତାକୁ ଜୟ କରିଛନ୍ତି ତାହା ନୁହେଁ...ସେ ଅସୁସ୍ଥତାକୁ ଜୟ କଲେ। ସେ ପ୍ରଲୋଭନକୁ ଜୟ କଲେ। ସେ ପ୍ରତ୍ୟେକ ଶତ୍ରୁକୁ ଜୟ କଲେ। ସେ ମୃତ୍ୟୁକୁ ଜୟ କଲେ। ସେ ନରକକୁ ଜୟ କଲେ। ସେ କବରକୁ ଜୟ କରି, ପୁନର୍ବାର ଉଠି ଆସିଲେ। ଆଉ ଦୁଇ ହଜାର ବର୍ଷ ଉତ୍ତାରେ, ଏଠାରେ ଏହି ଅପରାହ୍ନରେ, ସେ ଆମମାନଙ୍କ ମଧ୍ୟରେ ଛିଡ଼ା ହୋଇଛନ୍ତି, ସେହି ଶକ୍ତିଶାଳୀ ବିଜେତା, ଆପଣାକୁ ପରିଚିତ କରାଉଅଛନ୍ତି! ଆମେନ୍। ସେ ଏବେ ମଧ୍ୟ ଏଠାରେ ଅଛନ୍ତି, ଜୀବନ୍ତ ଭାବେ, ନିଜର ପ୍ରତିଜ୍ଞାକୁ ପ୍ରମାଣିତ କରୁଅଛନ୍ତି, ଅବ୍ରହାମଙ୍କ ରାଜକୀୟ ବଂଶ! ହେ, ମୋ'ର ପ୍ରଭୁ! ଆଉ ଶତ୍ରୁମାନେ କରିବେ...

115 "ସେ ନିଜ ଶତ୍ରୁର ଫାଟକକୁ ଜୟ କରିବେ।" ସେମାନଙ୍କୁ, ସେହି ବଂଶକୁ, ସେ କାହା ପ୍ରତି ନିଜକୁ ପ୍ରମାଣିତ କରିବା ପାଇଁ ଏଠାରେ ଜୀବନ୍ତ ଭାବେ ଛିଡ଼ା ହୋଇଛନ୍ତି? ସେହି ପୂର୍ବ ନିରୂପିତ ବଂଶମାନେ ଯିଏକି ଏହା ଦେଖିପାରିବେ। ସେ ତାହା ଜୟ କରିଥିଲେ। ଯେଉଁମାନେକି, ବାକ୍ୟର ପ୍ରତିଜ୍ଞା ବିଷୟକ, ତାହାଙ୍କର ପରୀକ୍ଷା ପରେ, ସେମାନେ ପବିତ୍ରଆତ୍ମାଙ୍କ ଦ୍ଵାରା ଖ୍ରୀଷ୍ଟଙ୍କ ଶରୀରରେ, ମୁଦ୍ରାଙ୍କିତ କରାଗଲେ, ସେମାନଙ୍କ ପ୍ରତି ଏହା ଦୃଢ କରାଗଲା (କ'ଣ?) ଏବ୍ରୀ 13:8କୁ ଯେ ତାହା ସେହିପରି ହିଁ ଅଟେ। ସେମାନେ ସେଠାରେ ପବିତ୍ରଆତ୍ମାଙ୍କ ଦ୍ଵାରା ମୁଦ୍ରାଙ୍କିତ କରାଗଲେ, ସେହି ପବିତ୍ରଆତ୍ମା ଯାହା ଦ୍ଵାରା କି...ଅବ୍ରହାମ ତାହା ପୂର୍ବରୁ ଦେଖିଥିଲେ; ବିଶ୍ଵାସ ଦ୍ଵାରା ସେ ତାହା ପ୍ରତ୍ୟୟ କରିଥିଲେ। ଏବଂ ବର୍ତ୍ତମାନ ଯାହା ସେ କହିଛନ୍ତି ତାହାର ପ୍ରତିଜ୍ଞା ଆଡ଼କୁ ପଛକୁ ଚାହିଁ, ଆମେ ତାହାକୁ ଗ୍ରହଣ କରୁ। ଏବଂ ଯୋହନ 14:12 ଏହି ଶେଷ ଦିନମାନଙ୍କରେ, ନିଜେ, ସେହି ପୁନରୁତ୍‌ଥିତ ବିଜେତାଙ୍କ ଦ୍ଵାରା, ଦୃଢ଼ କରା ଯାଉଅଛି।

116 କୌଣସି ପଦ୍ଧତି ନୁହେଁ; ମାତ୍ର ଜଣେ ବ୍ୟକ୍ତି, ଖ୍ରୀଷ୍ଟ, ସେହି ବିଜେତା। ମୋ'ର ମଣ୍ଡଳୀ ନୁହେଁ, ମୋର ବାପ୍ଟିଷ୍ଟ ମଣ୍ଡଳୀ ନୁହେଁ, କିମ୍ବା ଆପଣଙ୍କର ପ୍ରେସ୍‌ବିଟେରିଆନ୍, ମେଥୋଡିଷ୍ଟ କିଅବା ପେଣ୍ଟିକଷ୍ଟାଲ୍, ତାହା ଦ୍ଵାରା ନୁହେଁ; ମାତ୍ର ଯୀଶୁ ଖ୍ରୀଷ୍ଟଙ୍କ ଦ୍ଵାରା। ସେ ଆଜି ଜୀବିତ ଅଛନ୍ତି। ଆମମାନଙ୍କର ଧାର୍ମିକତା ନିମନ୍ତେ, ସେ ତାହାର ଉପରକୁ ଉଠିଲେ।

117 ଆଉ ଯେହେତୁ ସେ ଜୀବିତ ଅଛନ୍ତି, ସେ କହିଲେ ଆମେମାନେ ମଧ୍ୟ ଜୀବିତ ଅଟୁ। "ମନୁଷ୍ୟ କେବଳ ରୋଟି ଦ୍ଵାରା ବଞ୍ଚେ ନାହିଁ, ମାତ୍ର ପ୍ରତ୍ୟେକ ବାକ୍ୟ ଦ୍ଵାରା," ବାକ୍ୟର ଅଂଶ ଦ୍ଵାରା ନୁହେଁ, "ପରମେଶ୍ଵରଙ୍କ ମୁଖ ନିର୍ଗତ ପ୍ରତ୍ୟେକ ବାକ୍ୟ ଦ୍ଵାରା" ବଞ୍ଚେ। "ମୁଁ ପୁନରୁତ୍‌ଥାନ ଏବଂ ଜୀବନ। ଯିଏ ମୋ ଠାରେ ବିଶ୍ଵାସ କରେ, ଯଦିଓ ସେ ମରି ଯାଇଥାଏ, ତଥାପି ସେ ବଞ୍ଚି

ଉଠିବ । ଯିଏ ମୋ ଠାରେ ବାସ କରେ ଓ ବିଶ୍ୱାସ କରେ ସେ କଦାପି ମରିବ ନାହିଁ । କଅଣ ଆପଣ ତାହା ବିଶ୍ୱାସ କରନ୍ତି?” ପ୍ରତ୍ୟେକଟି ଶତ୍ରୁର ଦ୍ୱାରକୁ ଅଧିକାର କରି ନିଅ!

118 ସେ କିପରି ଭାବରେ ବୋସ୍‌ୱର୍ଥଙ୍କୁ ଜୟ କରିପାରେ, ଯେତେବେଳେକି ପରମେଶ୍ୱର... ବୋସ୍‌ୱର୍ଥ ତ ସେହି ବିଜେତାଙ୍କଠାରେ ଥିଲେ । ଏବଂ ସେହି କାରଣ ଯୋଗୁଁହିଁ ସେ କହିଥିଲେ, “ମୋ ଜୀବନର ସବୁଠାରୁ ଆନନ୍ଦର ସମୟ ଠିକ୍ ବର୍ତ୍ତମାନ ଅଟେ ।” ଉ-ହୁଁ । ସେ ସେହି ପରାକ୍ରମୀ ବିଜେତାଙ୍କୁ ଜାଣିଥିଲେ । ତାହାଙ୍କର ସୁନିଶ୍ଚିତତା ତାଙ୍କ ସହିତରେ ଅବସ୍ଥାନ କରୁଥିଲା । ହେ, ମୋର ପ୍ରଭୁ! ବର୍ତ୍ତମାନ ଆମେମାନେ ଗାଇ ପାରିବା:

ଜୀବିତ ରହି, ସେ ମୋତେ ପ୍ରେମ କଲେ; ମୃତ ହୋଇ, ସେ ମୋତେ
ଉଦ୍ଧାର କଲେ;
କବରପ୍ରାପ୍ତ ହୋଇ, ସେ ମୋର ପାପକୁ ବହୁ ଦୂରକୁ ନେଇଗଲେ;
ଉତ୍‌ଥିତ ହୋଇ, ସେ ସଦାକାଳ ପାଇଁ ଉନ୍ମୁକ୍ତ ଭାବରେ ଧାର୍ମିକ
କଲେ:
କୌଣସି ଦିନ ସେ ଆସୁଛନ୍ତି, ହେ ଗୌରବମୟ ଦିନ!

119 ସେମାନଙ୍କୁ ଯେଉଁମାନେକି ପରାସ୍ତ ହୋଇଥିବା ପରି ମନେହୁଏ । ଏଲ୍ଲି ପେରୋନେଟ୍, ମୁଁ ବିଶ୍ୱାସ କରେ ଯେ ଏହା ସେ ଥିଲେ, ସେ ତାଙ୍କର ଖ୍ରୀଷ୍ଟିଆନ ଗୀତଗୁଡ଼ିକୁ ବିକ୍ରୟ କରିପାରି ନ ଥିଲେ । କେହିହେଲେ ସେଗୁଡ଼ିକୁ ଚାହୁଁ ନ ଥିଲେ । ସେମାନଙ୍କର ତାହା ସହିତ କୌଣସି ସମ୍ବନ୍ଧ ନ ଥିଲା । ଓଃ, ପରାଜିତ, ଏବଂ ଜଣେ ବିଶ୍ୱାସୀ! ଦିନେ, ପବିତ୍ରଆତ୍ମା ତାଙ୍କ ଉପରକୁ ଅବତରଣ କଲେ । ତାଙ୍କ ଶତ୍ରୁର ଫାଟକ, ଯାହାକି ତାଙ୍କର ସାହିତ୍ୟକୁ ଗ୍ରହଣ କରି ନ ଥିଲା! ଆତ୍ମା ତାଙ୍କୁ ଆଘାତ କଲେ, ଆଉ ସେ ଗୋଟିଏ କଲମ ଧରି ପକାଇଲେ, ପରମେଶ୍ୱର ତାଙ୍କୁ ସେହି ଉଦଘାଟନୀ ଗୀତ ଲେଖିବାକୁ ଦେଲେ ।

ସମସ୍ତେ ଯୀଶୁଙ୍କ ନାମର ଶକ୍ତିକୁ ପ୍ରଶଂସା କରନ୍ତୁ!
ସ୍ୱର୍ଗଦୂତମାନେ ସାଷ୍ଟାଂଗ ପ୍ରଣାମ କରନ୍ତୁ;
ରାଜକୀୟ ପୋଷାକ ଆଣନ୍ତୁ,
ଏବଂ ତାହାଙ୍କୁ ସମସ୍ତଙ୍କର ପ୍ରଭୁ ରୂପେ ମୁକୁଟାଭିଷେକ କରନ୍ତୁ ।

120 ଅନ୍ଧ ଫେନି କ୍ରସବାଏ, ଥରେ । କହିଲେ, “ଆପଣଙ୍କ ପାଇଁ ଏହାର ଅର୍ଥ କଅଣ ଅଟେ?” କେତେକ...ସେ ତାଙ୍କର ଜନ୍ମସିଦ୍ଧ ଅଧିକାର ବିକ୍ରୟ କଲେ ନାହିଁ ଯେପରିକି ସେହି ପେଣ୍ଟିକଷ୍ଟାଲ୍ ଏଲଭିସ୍ ପ୍ରେସ୍‌ଲି କରିଥିଲା, କିଅବା ଚର୍ଚ୍ଚ-ଅଫ୍-କ୍ରାଇଷ୍ଟର ବୁନ୍ ଯେପରି କରିଥିଲା, କିମ୍ବା ରେଡ୍ ଫୋଲି ଯେପରି କରିଥିଲା, ସେମାନଙ୍କର ପ୍ରତିଭାଗୁଡ଼ିକୁ ଜଗତକୁ ବିକ୍ରୟ କରି ଦେଇଥିଲେ; ସେମାନଙ୍କ ପାଖରେ କ୍ୟାଡିଲାକ୍ ଗାଡ଼ିର ଏକ ସମୂହମାନ, ଏବଂ ଲକ୍ଷ ଲକ୍ଷ-ଡଲାର୍ ଟଙ୍କାର, ସୁନା ଭଣ୍ଡାରମାନ ରହିଛି । ମାତ୍ର ଫେନି କ୍ରସବାଏ ତାଙ୍କ ସ୍ଥାନ ପ୍ରତି ସତ୍ୟନିଷ୍ଠ ରହିଲେ । ସେ ଚିତ୍କାର କରି କହି ଉଠିଲେ:

ହେ ବିନମ୍ର ତ୍ରାଣକର୍ତ୍ତା, ମୋତେ ଅତିକ୍ରମ କରି ଯାଅ ନାହିଁ,
ମୋର ନମ୍ର କ୍ରନ୍ଦନ ଶୁଣ;
ତେବେ ତୁମେ ଅନ୍ୟମାନଙ୍କୁ ଡାକ ଦେଉଥାଅ,
ମୋତେ ଅତିକ୍ରମ କରି ଯାଅ ନାହିଁ ।

ତୁମେ ହିଁ ମୋର ସମସ୍ତ ସାନ୍ତ୍ୱନାର ସ୍ରୋତ,
ମୋ ପାଇଁ ଜୀବନଠାରୁ ଅଧିକ,
ତୁମ ଛଡ଼ା ପୃଥିବୀରେ ମୋର ଆଉ କିଏ ଅଛି?
କିମ୍ବା ସ୍ୱର୍ଗରେ ତୁମ ବ୍ୟତୀତ ଆଉ କିଏ ଅଛି?

121 ସେମାନେ କହିଲେ, “କଅଣ ହେବ ଯଦି ତୁମେ ସ୍ୱର୍ଗକୁ ଯିବାବେଳେ ଅନ୍ଧ ଥାଅ?”

ସେ ଉତ୍ତର ଦେଲେ, “ଯେକୌଣସି ପ୍ରକାରେ, ମୁଁ ତାହାଙ୍କୁ ଜାଣିବି ।”

ପଚାରିଲେ, “ତୁମେ ତାହାଙ୍କୁ କିପରି ଜାଣିବ?”

ଉତ୍ତର ଦେଲେ, “ମୁଁ ତାଙ୍କୁ ଜାଣିଯିବି ।”

କହିଲେ, “ଶ୍ରୀମତୀ କ୍ରସବାଏ, ଆପଣ ଦଶ ଲକ୍ଷ ଡଲାର୍ ଟଙ୍କା ଅର୍ଜନ କରିପାରିବେ ।”

ସେ ଉତ୍ତର ଦେଲେ, “ମୁଁ ସେହି ଲକ୍ଷ ଲକ୍ଷ ଡଲାର୍ ଟଙ୍କା ଚାହେଁ ନାହିଁ ।”

122 “ତୁମେ ତାହାଙ୍କୁ କିପରି ଜାଣିବ?” ସେ କହିଲେ:

ମୁଁ ତାହାଙ୍କୁ ଜାଣିବି, ମୁଁ ତାହାଙ୍କୁ ଜାଣିବି,
ଏବଂ ମୁକ୍ତ ହୋଇ ତାହାଙ୍କ ପାର୍ଶ୍ୱରେ ମୁଁ ଛିଡ଼ା ହେବି;
ମୁଁ ତାହାଙ୍କୁ ଜାଣିବି, ମୁଁ ତାହାଙ୍କୁ ଜାଣିବି ।

123 “ଯଦି ମୁଁ ତାହାଙ୍କୁ ଦେଖି ନ ପାରେ, ତେବେ ମୁଁ ତାହାଙ୍କ ହାତରେ ଥିବା ସେହି କଣ୍ଟା ଦାଗଗୁଡ଼ିକୁ ଅନୁଭବ କରିବି ।” ସେ ତାଙ୍କର ଶତ୍ରୁର ଫାଟକକୁ ଜୟ କରିଥିଲେ । ହଁ ।

124 ଯଦି ଆପଣ ଖ୍ରୀଷ୍ଟଙ୍କଠାରେ ଅଛନ୍ତି! ସେ କହିଲେ, “ଯଦି ତୁମେ ମୋ ଠାରେ ରୁହ, ଏବଂ ମୋର ବାକ୍ୟ ତୁମଠାରେ ରହେ; ତୁମେ କେଉଁ ଚାବି ଚାହଁ ତାହା ମାଗ, ତୁମେ କେଉଁ ଫାଟକ ଅଧିକାର କରିବାକୁ ଚାହଁ ତାହା ମାଗ; ତୁମେ ଯାହା ଇଚ୍ଛା କର ତାହା ମାଗ, ଆଉ ତାହା ତୁମକୁ ଦିଆଯିବ । ଯଦି ତୁମେ ମୋ ଠାରେ ରୁହ, ଏବଂ ମୋର ବାକ୍ୟ ତୁମଠାରେ ରହେ, ତେବେ ତୁମେ ଯେକୌଣସି ଶତ୍ରୁର ଫାଟକ ଯାହା ତୁମ ସମ୍ମୁଖକୁ ଆସେ ତାହା ଅଧିକାର କରିପାର ।” ଆପଣ ଅବ୍ରହାମଙ୍କର ରାଜକୀୟ ବଂଶ ଅଟନ୍ତି ।

125 ଆପଣଙ୍କ ସମ୍ମୁଖରେ କେଉଁ ପ୍ରକାର ଏକ ଫାଟକ ଛିଡ଼ା ହୋଇଅଛି? ଯଦି ଏହା ଅସୁସ୍ଥତା, ତାହାହେଲେ ଆପଣ ତାହା ପାଇଁ ଜଣେ ବିଜେତାଠାରୁ ଅଧିକ ଅଟନ୍ତି । ତେବେ ଆମେମାନେ କହିପାରୁ, ଏହି ଅନୁଗ୍ରହଶୀଳ ପୁରୁଣା ଗୀତ ଗାଇପାରୁ:

ପୁସ୍ତକର ପ୍ରତ୍ୟେକ ପ୍ରତିଜ୍ଞା ମୋହର,
ପ୍ରତ୍ୟେକ ଅଧ୍ୟାୟ, ପ୍ରତ୍ୟେକ ପଦର...ଏବଂ କେତେ ଈଶ୍ୱରୀୟ,
ମୁଁ ତାହାଙ୍କର ଈଶ୍ୱରୀୟ ପ୍ରେମ ଉପରେ ଭରସା କରୁଅଛି,
କାରଣ ପୁସ୍ତକର ପ୍ରତ୍ୟେକ ପ୍ରତିଜ୍ଞା ମୋହର ।

126 ଆମେମାନେ ଜଣେ ବିଜେତାଠାରୁ ଅଧିକ ଅଟୁ, ଏବଂ ଅବ୍ରହାମଙ୍କ ବଂଶ ଶତ୍ରୁର ଫାଟକକୁ ଅଧିକାର କରିବ! ଯେତେବେଳେ ସେମାନେ କହନ୍ତି ଯେ ଏହି ବିଷୟଗୁଡ଼ିକ ହୋଇପାରିବ ନାହିଁ, ଯେତେବେଳେ ସେମାନେ ଏହାକୁ ଏକ ଶୟତାନ, କିମ୍ବା ବାଆଲଜିବୂଲ୍, କିମ୍ବା ଅନ୍ୟ କିଛି ବୋଲି କହିବାକୁ ଚାହାଁନ୍ତି, ସେତେବେଳେ ପରମେଶ୍ୱର ପ୍ରତ୍ୟେକ ଫାଟକକୁ ଜୟ କରିବା ଓ ଶତ୍ରୁକୁ ଅଧିକାର କରି ନେବା ସୁନିଶ୍ଚିତ ଅଟେ ।

ଆସନ୍ତୁ ପ୍ରାର୍ଥନା କରିବା ।

127 ହେ ପ୍ରଭୁ, ଏହା ହେଉ ଯେ ଅବ୍ରହାମଙ୍କ ବଂଶ...ମୁଁ ଜାଣେ ଯେ ସେମାନେ ଏହା ଦେଖିବେ, ପ୍ରଭୁ । କିପରି ଭାବରେ ସେହି ବାକ୍ୟ ସେହି ବାସ୍ତବ ଭୂମିକୁ ଆଘାତ ନ କରି ତଳେ ପଡ଼ିପାରେ? ମୁଁ ପ୍ରାର୍ଥନା କରୁଛି ଯେ ସେମାନେ ବର୍ତ୍ତମାନ ବୁଝିଯିବେ । ହେବାକୁ ଦିଅ ଯେ ପ୍ରାର୍ଥନା ଧାଡ଼ିରେ ଆସୁଥିବା ପ୍ରତ୍ୟେକ ବ୍ୟକ୍ତି ସୁସ୍ଥ ହୁଅନ୍ତୁ ।

128 ପ୍ରଭୁ, ଯଦି ଏଠାରେ ଏପରି କେତେକ ଲୋକ ଅଛନ୍ତି ଏଯାଏଁ, ଯେଉଁମାନେକି ଏପର୍ଯ୍ୟନ୍ତ ସେମାନଙ୍କର ଅଙ୍ଗୀକାର କରି ନାହାଁନ୍ତି, ସର୍ବସାଧାରଣରେ ଛିଡ଼ା ହୋଇ ଖ୍ରୀଷ୍ଟଙ୍କ ସପକ୍ଷରେ ଛିଡ଼ା ହୋଇନାହାଁନ୍ତି, ସମସ୍ତ ମତଗୁଡ଼ିକୁ ଏବଂ ଶୀତଳ, ଆନୁଷ୍ଠାନିକ, ମୃତ ବିଷୟଗୁଡ଼ିକୁ ଅସ୍ୱୀକାର କରିବାକୁ ପ୍ରସ୍ତୁତ ଅଟନ୍ତି, ଯେଉଁସବୁ ବିଷୟକି ସେମାନଙ୍କୁ ତୁମଠାରୁ ଦୂରେଇ ନେଇ ଯାଇଅଛି । ଏବଂ ଏହା ହେଉ ଯେ ସେମାନେ ବର୍ତ୍ତମାନ ଛିଡ଼ା ହୁଅନ୍ତୁ, ଓ କୁହନ୍ତୁ, "ମୁଁ ତାହାଙ୍କୁ ମୋର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବି ।" ତେବେ ଯାଇ ତୁମେ ସେହି ଦିନ ସେମାନଙ୍କ ପାଇଁ ଛିଡ଼ା ହେବ ।

129 ଯେତେବେଳେ ଆମେମାନେ ଆମର ମସ୍ତକଗୁଡ଼ିକୁ ନତ କରିଅଛୁ, ଯଦି ସେଠାରେ ଏପରି କେହି ଅଛନ୍ତି ଯେଉଁମାନେକି ପ୍ରାର୍ଥନା ନିମନ୍ତେ, ଅଳ୍ପ କ୍ଷଣ ଛିଡ଼ା ହେବାକୁ ଚାହିଁବେ, କହିବେ, "ମୁଁ ବର୍ତ୍ତମାନ ତାହାଙ୍କ ପାଇଁ ଛିଡ଼ା ହେବାକୁ ଚାହୁଁଛି, ଯେପରିକି ସେ ସେହି ଦିନ, ତାହାଙ୍କର ଦିବ୍ୟ ଉପସ୍ଥିତିରେ ମୋ ପାଇଁ ଛିଡ଼ା ହେବେ ।" ମୁଁ ଆପଣମାନଙ୍କୁ ପଚାରେ, ଏବଂ ଆପଣମାନଙ୍କୁ ସୁଯୋଗ ଦିଏ ଯେପରିକି ଆପଣମାନଙ୍କର ନାମ ଜୀବନ ପୁସ୍ତକରେ ରଖାଯାଏ, ଯଦି ଆପଣମାନେ ଛିଡ଼ା ହେବେ । ମୁଁ ଆପଣମାନଙ୍କୁ କୌଣସି ମଣ୍ଡଳୀରେ ଯୋଗ ଦେବାକୁ କହୁନାହିଁ । ମୁଁ ଆପଣମାନଙ୍କୁ ଖ୍ରୀଷ୍ଟଙ୍କ ପାଖକୁ ଆସିବାକୁ କହୁଅଛି, ଯଦି ଆପଣମାନେ ଏଠାରେ ଅଛନ୍ତି ଓ ତାହାଙ୍କୁ ଜାଣି ନାହାଁନ୍ତି ।

130 ହେ ପୁତ୍ର, ପରମେଶ୍ୱର ତୁମକୁ ଆଶୀର୍ବାଦ କରନ୍ତୁ । ଆଉ କେହି ଅଛନ୍ତି କି, ଯିଏକି କହିବେ, "ମୁଁ—ମୁଁ ବର୍ତ୍ତମାନ ଛିଡ଼ା ହେବାକୁ ଚାହୁଁଛି ।" ମହିଳା, ପରମେଶ୍ୱର ଆପଣଙ୍କୁ

ଆଶୀର୍ବାଦ କରନ୍ତୁ। ମୋର ଭଉଣୀ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। "ମୁଁ ଚାହେଁ..." ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। "ଆଜି ଅପରାହ୍ନରେ, ମୁଁ ମୋର ପକ୍ଷ ନେଉଅଛି।" ଏହି ଉତ୍ତମ ଲୋକମାନେ, ପୁରୁଷ ଏବଂ ସ୍ତ୍ରୀମାନେ, ଛିଡ଼ା ହୋଇଅଛନ୍ତି, "ଆଜି ଅପରାହ୍ନରେ, ମୁଁ ମୋର ପକ୍ଷ ନେବି।"

131 ଆଉ ସେହି ଦିନ ଯେତେବେଳେ ଡାକ୍ତର କହନ୍ତି, "ତେବେ, ସେହି ଆଘାତଟି; ତାହାର ରକ୍ତ ବୋହୁଅଛି, ମୃତ୍ୟୁ ସେହି ପୁରୁଷ ଉପରେ, କିମ୍ଵା ସେହି ସ୍ତ୍ରୀ ଉପରେ ରହିଛି।" କିଅବା, କୌଣସି ସକାଳେ, ଆପଣ ନିଜର ପକ୍ଷକୁ ମନେ ପକାଇବେ। ଆପଣ ବର୍ତ୍ତମାନ ହିଁ ତାହାଙ୍କ ପାଇଁ ଛିଡ଼ା ହୁଅନ୍ତୁ।

132 "ଯଦି ତୁମେ ମନୁଷ୍ୟ ଆଗରେ ମୋ ନିମନ୍ତେ ଲଜ୍ଜିତ ହୁଅ, ତେବେ ମୁଁ ମୋର ପିତା ଏବଂ ପବିତ୍ର ସ୍ୱର୍ଗଦୂତମାନଙ୍କ ଆଗରେ ତୁମ ପାଇଁ ଲଜ୍ଜିତ ହେବି। ମାତ୍ର ଯଦି ତୁମେ ମନୁଷ୍ୟ ଆଗରେ ମୋତେ ସ୍ୱୀକାର କରିବ, ତେବେ ମୁଁ ମୋର ପିତା ଏବଂ ପବିତ୍ର ସ୍ୱର୍ଗଦୂତମାନଙ୍କ ଆଗରେ ତୁମକୁ ସ୍ୱୀକାର କରିବି।"

133 ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ମୋ ଭଉଣୀ। କଅଣ ବାଲକୋନୀରେ କେଉଁଠାରେ କେହି ଅଛନ୍ତି କି? ଠିକ୍ ବର୍ତ୍ତମାନ, ଯେତେବେଳେକି ଆମେମାନେ ଅପେକ୍ଷା କରୁଅଛୁ। ସେମାନଙ୍କ ମଧ୍ୟରୁ କେତେକ, ମୁଖ୍ୟ ସଭାସ୍ଥଳରେ ଆହୁରି କେହି ଅଛନ୍ତି କି? ଠିକ୍ ଅଛି। ବନ୍ଧୁ, ମୁଁ ଆପଣଙ୍କୁ ଆପଣଙ୍କର କଥାରେ ନେଉଅଛି।

134 ଯଦି ସେହି ବାକ୍ୟ ଉର୍ବର ଭୂମି ଉପରେ ପଡ଼େ, ଯେପରିକି କୂଅରେ ଥିବା ସେହି ଛୋଟ ସ୍ତ୍ରୀଲୋକଟି, ସେ—ସେ ବୁଝି ଯାଇଥିଲା। ତାହାଙ୍କୁ ସ୍ୱର୍ଗରେ ପ୍ରତିନିଧିତ୍ୱ କରାଯାଇଥିଲା, ପତ୍ତନ-...ଜଗତର ପତ୍ତନାବଧି ପୂର୍ବରୁ। ଯେତେବେଳେ ସେହି ପ୍ରକାଶ ତାହାଙ୍କୁ ଆଘାତ କଲା, ସେ ତାହାକୁ ଚିହ୍ନି ପକାଇଲେ।

135 ମୋ ଭାଇ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ତାହା ଏକ ସାହସୀକ...ମୋ ଭାଇ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ଆପଣ ହୁଏତ ଆପଣଙ୍କ ଜୀବନରେ ବହୁତ ବଡ଼ ବଡ଼ କାର୍ଯ୍ୟ କରିଥିବେ; ମାତ୍ର ଆପଣ କରିଥିବା ସର୍ବଶ୍ରେଷ୍ଠ କାର୍ଯ୍ୟ ଆପଣ, ବର୍ତ୍ତମାନ କରୁଅଛନ୍ତି, ଖ୍ରୀଷ୍ଟଙ୍କ ପାଇଁ ଛିଡ଼ା ହେଉଛନ୍ତି।

136 ଆମମାନଙ୍କର ସ୍ୱର୍ଗୀୟ ପିତା, ଏହି ଅପରାହ୍ନରେ, ବୀଜ କିଛି ଭୂମିରେ ପଡ଼ିଅଛି। ଆମେ ଜୀବନକୁ ଫୁଟି ଆସୁଥିବାର ଦେଖୁଅଛୁ। ପୁରୁଷ ଓ ସ୍ତ୍ରୀମାନେ ସେମାନଙ୍କର ପାଦରେ ଛିଡ଼ା ହୋଇଛନ୍ତି, ଏବଂ ପରମେଶ୍ୱରଙ୍କ ସେହି ସର୍ବ-ଦର୍ଶୀ ଚକ୍ଷୁ, ଯିଏକି ସର୍ବବ୍ୟାପୀ, ସର୍ବଜ୍ଞ, ସର୍ବଶକ୍ତିମାନ ଅଟନ୍ତି, ସେମାନଙ୍କୁ ଦେଖୁଅଛନ୍ତି। ସେମାନେ ତୁମର ଅଟନ୍ତି, ପିତା। ମୁଁ ବର୍ତ୍ତମାନ ସେମାନଙ୍କୁ, ପୁରସ୍କାର ସ୍ୱରୂପେ ଉପସ୍ଥାପନ କରୁଅଛି।

137 ହେବାକୁ ଦିଅ ଯେ ବର୍ତ୍ତମାନ ସେମାନଙ୍କର ସେଠାରେ ଛିଡ଼ା ହେବାର ଏହି ଅଭିଜ୍ଞତା, ଏହା ଜାଣି ଯେ ସେମାନେ କଅଣ କରିଛନ୍ତି, ଏହା ଜାଣି ଯେ ଏହାର ଅର୍ଥ କଅଣ, ଯେ

ସେମାନେ ପ୍ରଭୁଙ୍କ ତୁଚ୍ଛିକୃତ ଅଳ୍ପ ଲୋକମାନଙ୍କ ସହିତ ସେମାନଙ୍କର ପକ୍ଷ ନେବା ପାଇଁ ଛିଡ଼ା ହୋଇଛନ୍ତି । ହେବାକୁ ଦିଅ ଯେ ସେମାନେ ସେହି ଦିନ ପର୍ଯ୍ୟନ୍ତ ସର୍ବଦା ସତ୍ୟନିଷ୍ଠ ରୁହନ୍ତୁ ଯେଉଁଦିନକି ସେମାନେ ତୁମର ଉପସ୍ଥିତିରେ ଛିଡ଼ା ହୁଅନ୍ତି, ତେବେ ସେହି ପ୍ରିୟ ରବଟି କହିବ, "ହଁ, ଦିନେ ବ୍ୟାଟନ୍ ରୁଜ୍, କିମ୍ବା ଡେନହମ୍ ସ୍ପ୍ରିଙ୍ଗସ୍ ନାମକ ଏକ ଛୋଟ ସ୍ଥାନରେ, ସେ ମୋ ପାଇଁ ଛିଡ଼ା ହୋଇଥିଲା, ପିତା, ବର୍ତ୍ତମାନ ମୁଁ ସେହି ଭାଇ ପାଇଁ, କିମ୍ବା ସେହି ଭଉଣୀ ପାଇଁ ଛିଡ଼ା ହେବି ।" ହେ ପ୍ରଭୁ, ତାହା ପ୍ରଦାନ କର । ସେମାନେ ତୁମର ଅଟନ୍ତି, ଯୀଶୁଙ୍କ ନାମରେ । ଆମେନ୍ ।

ପରମେଶ୍ୱର ଆପଣମାନଙ୍କୁ, ଆପଣମାନଙ୍କର ଏହି ପକ୍ଷ ନିମନ୍ତେ ଆଶୀର୍ବାଦ କରନ୍ତୁ । ପରମେଶ୍ୱର ସର୍ବଦା...

138 ତେବେ ମୋ ପାଇଁ ଏହି ଗୋଟିଏ କାମ କରନ୍ତୁ । ଖୋଜନ୍ତୁ, ଯଦି ଆପଣମାନେ ତାହାର ଆଖପାଖରେ ଥାଆନ୍ତି ଯେଉଁଠାରେକି ଏହି ପାଳକମାନେ ରହନ୍ତି, ତେବେ ଅଳ୍ପ କେତେକଙ୍କୁ ଦେଖା କରନ୍ତୁ, ସେମାନଙ୍କ ସହିତ କଥାବାର୍ତ୍ତା କରନ୍ତୁ । ଯଦି ଆପଣଙ୍କର ଏଯାଏଁ ଖ୍ରୀଷ୍ଟିୟ ବାପ୍ତିସ୍ମରେ, ବାପ୍ତିସ୍ମ ହୋଇନାହିଁ, ତାହା କରି ନିଅନ୍ତୁ । ତେବେ ନିଜକୁ ବିଶ୍ୱାସୀମାନଙ୍କ ଗହଣରେ ରଖନ୍ତୁ, ପ୍ରକୃତ ବିଶ୍ୱାସୀମାନଙ୍କ, କୃତ୍ରିମ-ବିଶ୍ୱାସୀମାନଙ୍କ ନୁହେଁ; ପ୍ରକୃତ ବିଶ୍ୱାସୀମାନଙ୍କ ।

ଯେତେବେଳେ ଆମେମାନେ ପ୍ରାର୍ଥନା କରୁ, ଆସନ୍ତୁ ଏହି ରୁମାଲଗୁଡ଼ିକ ପାଇଁ ପ୍ରାର୍ଥନା କରିବା ।

139 ସ୍ୱର୍ଗୀୟ ପିତା, ଏହି ରୁମାଲଗୁଡ଼ିକ ବର୍ତ୍ତମାନ ବାହାରକୁ ଯାଏ; କେଉଁଠାକୁ, ମୁଁ ଜାଣେ ନାହିଁ । ହୋଇପାରେ ଯେ କୌଣସି ବୃଦ୍ଧ ଅନ୍ଧ ବାପା ଏଠାରେ କୌଣସିଠାରେ ଏକ ଛୋଟ ଜଳାଶୟରେ ବସି, ଏହି ରୁମାଲର ଆସିବା ପାଇଁ ଅପେକ୍ଷା କରୁଥିବେ; ଡାକ୍ତରଖାନାର ଶଯ୍ୟା ଉପରେ ସେଠାରେ ଏକ ଛୋଟ ଶିଶୁ ଶୋଇଥିବ; ଜଣେ ମା ଛିଡ଼ା ହୋଇ, ଅତିଶୟ ବ୍ୟାକୁଳିତ ଭାବରେ, ଏହି ରୁମାଲର ଫେରିବା ପାଇଁ ଅପେକ୍ଷା କରୁଥିବେ । ସ୍ୱର୍ଗୀୟ ପିତା, ମୁଁ ପ୍ରାର୍ଥନା କରେ ଯେ ତୁମେ ସେମାନଙ୍କ ସହିତରେ ଯିବ । ଏବଂ ଆଜି ତୁମର ଉପସ୍ଥିତିର ଏକ ଚିହ୍ନ ହେତୁ, ଏବଂ ତୁମ ଉପରେ ଆମର ବିଶ୍ୱାସର ଏକ ଚିହ୍ନ ହେତୁ ଯେପରିକି ଆମେ ତୁମର ବାକ୍ୟକୁ ପ୍ରଚାର କରିଅଛୁ, ହେବାକୁ ଦିଅ ଯେ ସେହି ବିଶ୍ୱାସ ଯାହାକି ଅବ୍ରହାମଙ୍କଠାରେ ଥିଲା, ଏବଂ ସେହି ବିଶ୍ୱାସ ଯାହାକି ଉତ୍ପନ୍ନ ହୋଇଥିଲା ଓ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆମମାନଙ୍କୁ ଦିଆଯାଇଥିଲା, ଏପରି ହେଉ ଯେ ତାହା ଏହି ରୁମାଲଗୁଡ଼ିକ ସହିତ ଯାଉ ଓ ପ୍ରତ୍ୟେକ ଜଣକୁ ଯାହାଙ୍କ ଉପରେ ଏହାକୁ ରଖାଯାଏ ସୁସ୍ଥ କରୁ । ଆମେ ସେମାନଙ୍କୁ, ଯୀଶୁଙ୍କ ନାମରେ ପଠାଉଅଛୁ । ଆମେନ୍ ।

140 ବର୍ତ୍ତମାନ ଅଳ୍ପ କିଛି କ୍ଷଣ, ଏହା ପୂର୍ବେକି ଆମେ ପ୍ରାର୍ଥନା ପଂକ୍ତିକୁ ଡାକୁ । ସର୍ବଶକ୍ତିମାନ ଏବଂ ପରାକ୍ରମୀ ପରମେଶ୍ୱର, ସେହି ମହାନ ଜଣ, ସେହି ଏକମାତ୍ର ସର୍ବ-ସକ୍ଷମ...ଦୟାକରି,

ବନ୍ଧୁଗଣ, ମୁଁ—ମୁଁ ରୋଗୀମାନଙ୍କ ପାଇଁ ପ୍ରାର୍ଥନା ଆରମ୍ଭ କରିବାକୁ ଯାଉଅଛି, ଆଉ ମୁଁ... ସମ୍ଭବତଃ, ଯେତେବେଳେ ଆମେମାନେ ତଳକୁ ଆସୁ, ବୋଧହୁଏ ମୋ—ମୋ ପାଖରେ ଆପଣମାନଙ୍କୁ କହିବା ପାଇଁ କିଛି ନ ଥାଇପାରେ; ଆପଣମାନଙ୍କ ମଧ୍ୟରୁ କେତେକେ ସେହି ସମୟ ପୂର୍ବରୁ ଚାଲି ଯାଇଥିବେ । ଆପଣ ଯାହାକିଛି ବି ହୋଇଥାଆନ୍ତୁ, ଯଦି ଆପଣ କିଛି ସମୟ ପୂର୍ବରୁ, ଛିଡ଼ା ସୁଦ୍ଧା ହୋଇନାହାଁନ୍ତି, ଆଉ ଆପଣ ସୁନିଶ୍ଚିତ ନୁହଁନ୍ତି...

141 ଯଦି ଆପଣ ଗୋଟିଏ ମଣ୍ଡଳୀର ଜଣେ ସଦସ୍ୟ ଅଟନ୍ତି, ତାହା ଏକ ଉତ୍ତମ ବିଷୟ ଅଟେ, ମାତ୍ର ତାହା ଯଥେଷ୍ଟ ଉତ୍ତମ ନୁହେଁ । ଦେଖନ୍ତୁ, ସେହି ଧନୀ ଯୁବା ଶାସକ ମଣ୍ଡଳୀର ଜଣେ ସଦସ୍ୟ ଥିଲେ । ଦେଖନ୍ତୁ? ସେ ଯୀଶୁଙ୍କୁ ପଚାରିଥିଲେ ଯେ ଅନନ୍ତ ଜୀବନ ପାଇବା ପାଇଁ ସେ କ'ଣ କରିପାରିବେ । ସେ ତାହାକୁ କଦାପି ଗ୍ରହଣ କଲେ ନାହିଁ । ସେ ଅନ୍ୟତ୍ର ଚାଲିଗଲେ । ସେହି ଯୁବକ ପାଇଁ ତାହା କରିବା କେତେ ଏକ ମୂର୍ଖାମୀ ବିଷୟ ଥିଲା । ତାହାର ସ୍ଥାନ ନିଅନ୍ତୁ ନାହିଁ । କଅଣ ଆପଣମାନଙ୍କର ମନେ ଅଛି ଯେ ଶେଷ ଥର ପାଇଁ ସେ କେଉଁଠି ଚିହ୍ନିତ କରାଗଲେ? ଟିକିଏ ପରେ, ସେ ସମୃଦ୍ଧି ଲାଭ କଲେ । ସେ ଆହୁରି ଧନୀ ହେଲେ । ସେ ଏପରି ଏକ ଅବସ୍ଥାକୁ ଆସିଗଲେ ଯେ ଏପରିକି ତାଙ୍କର ଭଣ୍ଡାର ଗୃହସବୁ ଭର୍ତ୍ତି ହୋଇଗଲା । ମାତ୍ର ତାହାପରେ ଆମେ ତାଙ୍କର ଶେଷ ପରିଚୟ ପାଉ, ନରକରେ, ଅଗ୍ନି ଯନ୍ତ୍ରଣାରେ । ତାହା କରନ୍ତୁ ନାହିଁ, ତାହା ତୁମ ସହିତ ହେବାକୁ ଦିଅନ୍ତୁ ନାହିଁ । ଖ୍ରୀଷ୍ଟଙ୍କୁ ଗ୍ରହଣ କରିନିଅନ୍ତୁ ।

142 ଆପଣ ଯୁବା ଲୋକମାନେ, ଆପଣ ଯୁବା ଝିଅମାନେ, ଯୁବା ପୁଅମାନେ, ଯେଉଁମାନେକି ଠିକ୍ ଜୀବନର ପରିବର୍ତ୍ତନରତ ଋତୁରେ ଅଛନ୍ତି, ଦୟାକରି ତାହା କରିନିଅନ୍ତୁ । ମୋତେ ନିଜର ଭାଇ ଭାବରେ—ଭାବରେ, ଶୁଣନ୍ତୁ, ଜଣେ ଯିଏକି ଆପଣଙ୍କୁ ପ୍ରେମ କରେ । ମୁଁ ଏଠାରେ ଅଛି କାରଣ ମୁଁ ଆପଣମାନଙ୍କୁ ପ୍ରେମ କରେ । ମୁଁ ପରମେଶ୍ୱରଙ୍କୁ ପ୍ରେମ କରେ, ଏବଂ ମୁଁ ଆପଣମାନଙ୍କୁ ପ୍ରେମ କରେ, ଆଉ ମୁଁ ପରମେଶ୍ୱରଙ୍କୁ ପ୍ରେମ କରିପାରେ ନାହିଁ ଯଦି ମୁଁ ଆପଣମାନଙ୍କୁ ପ୍ରେମ କରେ ନାହିଁ ।

143 ମୁଁ ବରଂ ବହୁତ ପସନ୍ଦ କରିବି, ଯଦି ଆପଣଙ୍କଠାରେ କିଛି କହିବା ପାଇଁ ଏକ ମନ୍ତବ୍ୟ ଥାଏ, ତେବେ ଆପଣ ତାହାକୁ ସେଠାରେ ମୋ ପୁଅକୁ, କିମ୍ବା ମୋର ପିଲାମାନଙ୍କ ମଧ୍ୟରୁ ଜଣକାକୁ ଦେଇ ଦିଅନ୍ତୁ । ମୋତେ କେବଳ ଦିଅନ୍ତୁ...ମୁଁ, ମୁଁ ତାହା ବିନା ବି ଯିବି । ଯେକୌଣସି ପିତାମାତା ତାହା କରିବେ; ତେବେ ପରମେଶ୍ୱର ମଧ୍ୟ କରିବେ । ଦେଖନ୍ତୁ? ତାହାଙ୍କର ଲୋକମାନଙ୍କୁ ପ୍ରେମ କରନ୍ତୁ । ଜଣେ ଅନ୍ୟକୁ ପରସ୍ପର ପ୍ରେମ କରନ୍ତୁ ।

144 ଆପଣ କହିବେ, "ଆପଣ ସେମାନଙ୍କୁ କଅଣ ପାଇଁ ଗାଳି ଦିଅନ୍ତି?" ପ୍ରକୃତ ପ୍ରେମ ସଂଶୋଧନାତ୍ମକ ଅଟେ ।

145 ଯଦି ଆପଣଙ୍କର ପିଲା ରାସ୍ତାରେ ବସିଥାଏ; ଆପଣ କହିବେ, "ତେବେ, ଜୁନିଅର୍ ସେଠାରେ ବସିଛି । ସେ ତାହା କରିବା ଉଚିତ୍ ନୁହେଁ, ମାତ୍ର ମୁଁ ତାହାର ସେହି ଛୋଟ ଭାବନାକୁ ଆଘାତ ଦେବାକୁ ଚାହେଁ ନାହିଁ ।" ତେବେ ଆପଣ ତାହାକୁ ପ୍ରେମ କରନ୍ତି ନାହିଁ । ସେ ତ

ସେଠାରେ ମରିଯିବ । ଯଦି ଆପଣ ତାହାକୁ ପ୍ରେମ କରନ୍ତି, ଆପଣ ତାହାକୁ ଭିତରକୁ ନେଇ ଆସିବେ ଏବଂ ଏକ ଭଲ ପାହାର ଦେବେ । ଆପଣ ତାହାକୁ ଆଜ୍ଞାପାଳନ କରାଇବେ ।

146 ଠିକ୍ ସେହିପରି ଭାବରେ ପରମେଶ୍ୱର କରନ୍ତି । ପ୍ରେମ ସଂଶୋଧନାତ୍ମକ ଅଟେ, ଏବଂ ତାହା ହେଉଛି ପ୍ରକୃତ ପ୍ରେମ ।

147 ଯେତେବେଳେ ଜଣେ ପ୍ରଚାରକ ଛିଡ଼ା ହୁଅନ୍ତି ଏବଂ ଆପଣ ମହିଳାମାନଙ୍କୁ ଆପଣଙ୍କର କେଶକୁ ଛୋଟ କରି କାଟିବାକୁ ଦିଅନ୍ତି, ଏବଂ ରଙ୍ଗ ପ୍ରସାଧନ ଓ ସାମଗ୍ରୀମାନ ଲଗାଇବାକୁ ଦିଅନ୍ତି, ଆଉ ଆପଣଙ୍କୁ ସଂଶୋଧନ କରନ୍ତି ନାହିଁ, ତାହାହେଲେ ସେଠାରେ ପ୍ରକୃତ ପ୍ରେମ ନାହିଁ; ଏବଂ ତାହାକୁ ଆକ୍ଷେପ କରି କହନ୍ତି ନାହିଁ । ଏବଂ ଆପଣ ପୁରୁଷମାନଙ୍କୁ ତିନିଥର କିମ୍ବା ଚାରିଥର ବିବାହ କରିବାକୁ ଦିଅନ୍ତି, ଓ ଏହି ସମସ୍ତ ବିଷୟଗୁଡ଼ିକୁ କରିବାକୁ ଦିଅନ୍ତି, ପୁଣି ତାହା ସହିତ ଖସି ପଳାଇବାକୁ ଦିଅନ୍ତି, ସେଠାରେ ପ୍ରକୃତ ପ୍ରେମ ନାହିଁ । ଆପଣଙ୍କୁ ଏକ ମଣ୍ଡଳୀରେ ଯୋଗ କରିବାକୁ ଦିଅନ୍ତି, ଏବଂ ଆପଣଙ୍କୁ ପିଠିରେ ଥାପୁଡ଼େଇ ଦିଅନ୍ତି, ଓ ଆପଣଙ୍କୁ କିଛି ମତ ସିଦ୍ଧାନ୍ତରେ ଲିପି ଦିଅନ୍ତି, ତାହାପରେ, "ତାହାହିଁ ସବୁକିଛି ଅଟେ ଯାହାକି ଆପଣଙ୍କୁ କରିବାକୁ ପଡ଼େ, ପବିତ୍ର ମଣ୍ଡଳୀରେ ଯୋଗଦେବା," ସେଠାରେ କୌଣସି ପ୍ରେମ ନାହିଁ । କିମ୍ବା, ହୁଏତ, ସେହି ବ୍ୟକ୍ତି ନିଜେ, ଏତେ ସଂପୂର୍ଣ୍ଣ ଭାବେ ହଜିଯାଇଛନ୍ତି, ଯେ ସେ ଦେଖନ୍ତି ନାହିଁ ।

148 ପ୍ରକୃତ ପ୍ରେମ ସଂଶୋଧନାତ୍ମକ ଅଟେ, ଏବଂ ତାହା ଆପଣଙ୍କୁ ପରମେଶ୍ୱରଙ୍କ ବାକ୍ୟ ନିକଟକୁ ଫେରାଇ ଆଣିଥାଏ ।

149 ଯୀଶୁଙ୍କୁ ଦେଖନ୍ତୁ, କିପରି ଯେ, ଯାହା ସେ କହିଥିଲେ, କାରଣ ସେ ସେମାନଙ୍କୁ ପ୍ରେମ କରୁଥିଲେ, ଏତେ ଯେ ସେ ସେମାନଙ୍କ ବଦଳରେ ମୃତ୍ୟୁବରଣ କଲେ, ଯେତେବେଳେକି ସେମାନେ ତାହାଙ୍କର ରକ୍ତ ପାଇଁ ସୁଦ୍ଧା ଡାକ ଦେଉଥିଲେ ।

150 ବର୍ତ୍ତମାନ ହେବାକୁ ଦିଅ ଯେ ସେହି ମହାନ ପବିତ୍ରଆତ୍ମା...ମୁଁ ମାତ୍ର ଗୋଟିଏ ମିନିଟ୍ ପାଇଁ ଅପେକ୍ଷା କରିବାକୁ ଚାହେଁ । ଏହା ପୂର୍ବେକି ଆମେମାନେ ଆରମ୍ଭ କରୁ, ମୁଁ ପବିତ୍ରଆତ୍ମାଙ୍କ ଅଭିଷେକ ମୋ' ଉପରକୁ ଆସିବା ନିମନ୍ତେ ଅପେକ୍ଷା କରୁଅଛି । ମୁଁ ପ୍ରଚାର କରି ଆସୁଅଛି । ଆପଣମାନଙ୍କର ସହଯୋଗ ପାଇଁ, ଆପଣମାନଙ୍କୁ ଧନ୍ୟବାଦ ।

151 ବର୍ତ୍ତମାନ, ଏଠାରେ ଥିବା ପ୍ରତ୍ୟେକ ଜଣ, ଆପଣମାନେ ଯେଉଁଠାରେ ବି ଅଛନ୍ତି, ଭବନର ଯେକୌଣସି ସ୍ଥାନରେ, କେବଳ ଗୋଟିଏ ମିନିଟ୍ ପାଇଁ ପ୍ରାର୍ଥନା କରନ୍ତୁ, କୁହନ୍ତୁ, "ପ୍ରଭୁ ଯୀଶୁ, ମୋତେ ସାହାଯ୍ୟ କର! ମୋତେ ସାହାଯ୍ୟ କର! ମୋତେ ତୁମର ବସ୍ତ୍ର ଛୁଇଁବାକୁ ଦିଅ ।" ଯୀଶୁ କହିଥିଲେ, ଆପଣମାନେ ଜାଣନ୍ତି, ଯେତେବେଳେ ସେହି ସ୍ତ୍ରୀଲୋକଟି ତାହାଙ୍କର ବସ୍ତ୍ର ଛୁଇଁଲା, ଯୀଶୁ ତାହା ଶାରୀରିକ ଭାବରେ, ଅନୁଭବ କରି ନ ଥିଲେ, ମାତ୍ର ସେ ବୁଲିପଡ଼ି ଏହା ଜାଣିଥିଲେ ସେ ସ୍ତ୍ରୀଲୋକଟି କିଏ ଥିଲା ଏବଂ ସେ କଣ କରିଥିଲା । ସେ ଆଜି ଅପରାହ୍ନରେ ସେହି ସମାନ ଯୀଶୁ ଅଟନ୍ତି, ଏପରି ଜଣେ ମହାଯାଜକ ଯାହାଙ୍କୁକି ଆମର ଦୁର୍ବଳତାର ଅନୁଭୂତି ଦ୍ୱାରା ସ୍ପର୍ଶ କରା ଯାଇପାରେ ।

152 କ'ଣ ଆପଣମାନେ ଏହା ବିଶ୍ୱାସ କରନ୍ତି, ତେବେ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକେ, ଯେ ଏହା ସତ୍ୟ ଅଟେ, ଯେ ସେହି ପରମେଶ୍ୱର ଯିଏକି ଏହି ପ୍ରତିଜ୍ଞା କରିଛନ୍ତି, ପୁଣି ଥରେ (ଏବଂ ଏହା ହେଉ ଯେ ସେ ତାହା ଦେଖାନ୍ତୁ) ଯେ ଆମେମାନେ ସଦୋମର ଦିନଗୁଡ଼ିକରେ ବାସ କରୁଅଛୁ? କେତେ ଲୋକ ଏହି ଭବନରେ, ତାହା ବିଶ୍ୱାସ କରନ୍ତି, କେବଳ ନିଜର ହାତ ଉଠାନ୍ତୁ।

153 ଆମେମାନେ ବାସ କରୁଅଛୁ, ଯେପରିକି ତାହା, ସଦୋମରେ ରହିଥିଲା। ସମଗ୍ର ବ୍ୟବସ୍ଥାଟି ପ୍ରଦୂଷିତ ହୋଇ ଯାଇଅଛି, ସେହି ବିଶ୍ୱ ବ୍ୟବସ୍ଥା, ସମସ୍ତକିଛି, ମାଣ୍ଡଳିକ ବ୍ୟବସ୍ଥା, ରାଜନୈତିକ ବ୍ୟବସ୍ଥା। ଆଉ କିଛି ନାହିଁ। ରାଜନୀତି ଏତେ ଦୁର୍ନୀତିଗ୍ରସ୍ତ ଅଟେ। ସେହି ବ୍ୟବସ୍ଥାଗୁଡ଼ିକ, ସବୁଆଡ଼େ, ଆମର ଏକଛତ୍ରବାଦୀ ଶାସକମାନେ, ଏହା ସବୁକିଛି ଦୁର୍ନୀତି ଅଟେ। ମଣ୍ଡଳୀ ମଧ୍ୟ ସେହି ସମାନ ପ୍ରକାରେ ହୋଇଯାଇଛି। ପରିବାରଗୁଡ଼ିକ ମଧ୍ୟ ସେହି ସମାନ ପ୍ରକାରେ ହୋଇ ଯାଇଛନ୍ତି। ଏହା କେବଳ ଦୁର୍ନୀତି ଅଟେ, ସଦୋମ ଅଟେ!

154 ତେବେ, ମନେରଖନ୍ତୁ, ପରମେଶ୍ୱର ତାହା ଆପଣମାନଙ୍କ ସମ୍ମୁଖରେ ରଖିଛନ୍ତି, ତା'ପରେ ମନେରଖନ୍ତୁ ଯେ ସେ କହିଥିଲେ ଯେ ସେ ଆପଣାକୁ ମାନବ ଶରୀରରେ ପ୍ରଦର୍ଶିତ କରିବେ, ଏବଂ ଠିକ୍ ସେହିପରି ଭାବରେ କରିବେ ଯେପରିକି ସେ ସଦୋମ ସମ୍ମୁଖରେ କରିଥିଲେ, ଏହା ପୂର୍ବେକି ସେହି ପ୍ରତିଜ୍ଞାତ ପୁତ୍ର ଦୃଶ୍ୟକୁ ଆସନ୍ତି। ସେ ଜଣକାକୁ ପଠାଇବାର ପ୍ରତିଜ୍ଞା କରିଥିଲେ ଯିଏକି ସେହି ପ୍ରତିଜ୍ଞାତ ପୁତ୍ରଙ୍କ ଅଗ୍ରଧାବକ ହେବେ, ଯେପରିକି ସେ ପ୍ରଥମ ସ୍ଥାନରେ କରିଥିଲେ, ଯାହାକି ପରିଚୟ କରାଇବେ; ଆଉ ସେ କହିଲେ, "ଯେତେବେଳେ ମନୁଷ୍ୟପୁତ୍ର ପ୍ରକାଶିତ ହେବେ।"

155 ମୁଁ ଆପଣମାନଙ୍କୁ ଜାଣେ ନାହିଁ। ତେବେ, ମିସ୍ ଥମ୍ପସନ୍, ସେହି ସ୍ତ୍ରୀ ସମସ୍ୟା ଏବଂ ଜଟିଳତା, କଅଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆପଣଙ୍କୁ ସୁସ୍ଥ କରିବେ? କଅଣ ଆପଣ ଏହାକୁ ବିଶ୍ୱାସ କରିପାରିବେ? ଆପଣ କରିବେ କି? ମିସ୍, ମିସ୍ ଥୋମାସ୍, କଅଣ ଆପଣ ବିଶ୍ୱାସ କରନ୍ତି ଯେ ସେ ଆପଣଙ୍କୁ ସୁସ୍ଥ କରିବେ? ତାହହେଲେ, ନିଜର ହାତଦ୍ୱୟ ଉଠାନ୍ତୁ।

156 ଆପଣଙ୍କ ଠିକ୍ ପଛରେ ଜଣେ ମହିଳା ବସିଛନ୍ତି। ସେ ପ୍ରାର୍ଥନା କରୁଛନ୍ତି। ତାଙ୍କର ଆର୍ଥ୍ରାଇଟିସ୍ ରୋଗ ଅଛି।

157 ତାଙ୍କର ଠିକ୍ ପାଖରେ ଲାଗି ବସିଥିବା ସେହି ଜଣ, ତାଙ୍କର ପେଟ ସମସ୍ୟା ଅଛି, ସେ ମଧ୍ୟ ପ୍ରାର୍ଥନା କରୁଛନ୍ତି। ଆପଣ ତାହା ହରାଇବାକୁ ଯାଉଛନ୍ତି, ଆପଣ ଧ୍ୟାନ ଦେଉ ନାହାଁନ୍ତି। ଆପଣ ଏଠାରୁ ନୁହଁନ୍ତି। ଆପଣ ମିସିସିପିରୁ ଆସିଛନ୍ତି। ଆପଣ ଶ୍ରୀମାନ୍ ଏବଂ ଶ୍ରୀମତୀ ଷ୍ଟ୍ରିଙ୍ଗର୍ ଅଟନ୍ତି। ଯଦି ଆପଣ ନିଜର ସମ୍ପୂର୍ଣ୍ଣ ହୃଦୟ ସହିତ ବିଶ୍ୱାସ କରିବେ, ଯୀଶୁ ଖ୍ରୀଷ୍ଟ ଆପଣଙ୍କୁ ସୁସ୍ଥ କରିବେ। ଯଦି ଆପଣ ଏହାକୁ ବିଶ୍ୱାସ କରିପାରିବେ। କ'ଣ ଆପଣ କରନ୍ତି? ତେବେ ଆପଣ

ଏହାକୁ ଗ୍ରହଣ କରିପାରିବେ । ଠିକ୍ ଅଛି । ନିଜର ହାତଦ୍ୱୟ ଉଠାନ୍ତୁ ଯେପରିକି ଲୋକମାନେ ଏହା ଦେଖିବେ ଯେ ତାହା ଆପଣ ଅଟନ୍ତି ।

158 ମୁଁ ସେହି ଲୋକମାନଙ୍କୁ ଜାଣେ ନାହିଁ । ମୁଁ ମୋ'ର ଜୀବନରେ, ସେମାନଙ୍କୁ କେବେ ଦେଖି ନାହିଁ । ବନ୍ଧୁ, ଆପଣଙ୍କୁ ତ ବିଶ୍ୱାସ କରିବାକୁ ହେବ । ସେ ଆପଣାକୁ ପରିଚିତ କରାଉ ଅଛନ୍ତି । କ'ଣ ଆପଣମାନେ ତାହା, ନିଜର ସମ୍ପୂର୍ଣ୍ଣ ହୃଦୟ ସହିତରେ ବିଶ୍ୱାସ କରନ୍ତି କି?

159 ମହାଶୟ, ଆପଣ କାହିଁକି ନିଜର ମୁଣ୍ଡକୁ ସେହିପରି ଭାବରେ ହଲାଇଲେ, ଏବଂ ମୋତେ ସେହିପରି ଅନାଇଲେ? ହଁ, ଆଜ୍ଞା । ଯେହେତୁ ଆପଣ ତାହା କରିଛନ୍ତି, ମୁଁ ଆପଣଙ୍କ ସହିତ ଗୋଟିଏ ମିନିଟ୍ କଥା ହେବାକୁ ଯାଉଅଛି । ଆପଣ ଜଣେ ଏହି ପ୍ରକାର ବୃଦ୍ଧ ଭଦ୍ରଲୋକ ଅଟନ୍ତି ଯିଏକି ଏଠାରେ ବସି, ମୋତେ ଅନାଉ ଅଛନ୍ତି । ସେ ଅତିଶୟ ନିଷ୍ଠାପର ଭାବରେ, ମୋ ଆଡ଼କୁ ଅନାଇଥିଲେ । ସେ ଏହାକୁ ବିଶ୍ୱାସ କଲେ । ଆପଣ ଜଣେ କାହାରି ପାଇଁ ପ୍ରାର୍ଥନା କରୁଛନ୍ତି ଯାହାଙ୍କରକି ଏକ ହୃଦାଘାତ ହୋଇଅଛି । ମାତ୍ର—ମାତ୍ର ଆପଣଙ୍କର ମୂଖ୍ୟ ବିଷୟ ଯାହା ପାଇଁ ଆପଣ ପ୍ରାର୍ଥନା କରୁଛନ୍ତି, ଯାହା ଆପଣଙ୍କର ପ୍ରୟୋଜନ ଅଛି, ତାହା ହେଲା ଆପଣ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଚାହୁଁଛନ୍ତି । ତାହା ଠିକ୍ । ଉ-ହୁଁ । ତାହା ଠିକ୍ ଅଟେ । ଯଦି ଆପଣ ଏହାକୁ ବିଶ୍ୱାସ କରିବେ! ହେ ନାରୀ, ଆପଣ ଚାକିରି ଖୋଜୁଛନ୍ତି । ତାହା ବ୍ୟତୀତ, ଯେପରିକି ଆପଣ ଏହା ଜାଣିପାରିବେ ଯେ ମୁଁ ପରମେଶ୍ୱରଙ୍କ ଭବିଷ୍ୟଦ୍‌ବକ୍ତା ଅଟେ, ଅବା ସେବକ ଅଟେ, ଆପଣଙ୍କର ଦୁଇଟି ଅସ୍ତ୍ରୋପଚାର ଚିକିତ୍ସା ହୋଇସାରିଛି । ଏହା ଆପଣଙ୍କୁ ଏକ ପ୍ରକାର ଦୁର୍ବଳ କରିଦେଇଛି । ସମସ୍ତ ପ୍ରକାର ପରିସ୍ଥିତିମାନ, ଆତ୍ମିକ ସମସ୍ୟାମାନ । ମୁଁ ଆପଣଙ୍କୁ କହିବାକୁ ଚାହେଁ ଯେ ତାହା ସବୁ ସମାଧାନ ହୋଇ ଯାଇଅଛି । ଆପଣଙ୍କର ବିଶ୍ୱାସ ଆପଣଙ୍କୁ ସୁସ୍ଥ କରେ ।

160 [ଟେପ୍‌ରେ ରିକ୍ତ ସ୍ଥାନ—ଅନୁ]...ସେଠାରେ ଠିକ୍ ଆପଣଙ୍କ ପାଖରେ ବସିଥିବା । ସେ ପ୍ରାର୍ଥନା କରୁଛନ୍ତି । ଏଠାରେ ଦେଖନ୍ତୁ । ସେ ଆପଣଙ୍କ କଥା ଶୁଣିଲେ, ଏବଂ ଆପଣ ତାହାଙ୍କୁ ସ୍ପର୍ଶ କରିଛନ୍ତି । ମୁଁ ଆପଣଙ୍କୁ ଜାଣେ ନାହିଁ, ମାତ୍ର ସେ ଜାଣନ୍ତି । ମୁଁ ଆପଣଙ୍କୁ କହିବି ଯେ ଆପଣ କେଉଁ ବିଷୟରେ ପ୍ରାର୍ଥନା କରୁଥିଲେ । କ'ଣ ଆପଣ ନିଜର ସମସ୍ତ ହୃଦୟ ସହିତ ତାହା ବିଶ୍ୱାସ କରନ୍ତି? ଆପଣଙ୍କର ଏକ ପିତ୍ତାଶୟର ସମସ୍ୟା ରହିଛି, ଆପଣ ପ୍ରାର୍ଥନା କରୁଛନ୍ତି । କ'ଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆପଣଙ୍କୁ ସୁସ୍ଥ କରିବେ ଏବଂ ଆପଣଙ୍କୁ ଭଲ କରିବେ? ଆପଣ ଶ୍ରୀମତୀ ସ୍ମିଥ୍ ଅଟନ୍ତି । ତାହା ଠିକ୍ । ନିଜର ହାତ ଉଠାନ୍ତୁ ।

161 ଦେଖନ୍ତୁ, ସେ ଆପଣାକୁ ପରିଚିତ କରାଉ ଅଛନ୍ତି । ଏହା କ'ଣ ଅଟେ? ଏହା ତ ହେଉଛି ଅବ୍ରହାମଙ୍କ ବଂଶ, ସେହି ବିଶ୍ୱାସ ଯାହାକି ଅବ୍ରହାମଙ୍କଠାରେ ଥିଲା, ଆମମାନଙ୍କ ମଧ୍ୟରେ ପ୍ରଭୁ ଯୀଶୁ ଖ୍ରୀଷ୍ଟ, ଆପଣାର ବାକ୍ୟକୁ ଦୃଢ଼ କରାଉ ଅଛନ୍ତି, ପୁଣି ଚିହ୍ନଗୁଡ଼ିକ ଅନୁବର୍ତ୍ତୀ ହେଉଅଛି ।

162 କିଏ, କେତେ ଗୁଡ଼ିଏ କାର୍ଡ଼ ପାଇଁ ପ୍ରାର୍ଥନା କରାଯିବାକୁ ଅଛି, ନିଜର ହାତଗୁଡ଼ିକ ଉଠାନ୍ତୁ, କଅଣ ନିଜର କାର୍ଡ଼ ପାଇଲେ? ଓଃ, ଭଲ ହେବ ଯେ ଆମେମାନେ ପ୍ରାର୍ଥନା ପଂକ୍ତି ଆରମ୍ଭ କରିଦେବା ।

163 ଆପଣମାନେ ଦେଖନ୍ତୁ, ଆପଣମାନେ ବୁଝିଲେ କଅଣ ଆପଣ ନୁହେଁ କି? ତେବେ ସେହି ଆତ୍ମା କେବଳ ନୁହେଁ...ତାହା ସୁସ୍ଥ କରେ ନାହିଁ । ତାହା ତ କେବଳ ତାହାଙ୍କୁ ଏଠାରେ ଅଛନ୍ତି ବୋଲି ଚିହ୍ନିତ କରେ । ଆପଣମାନଙ୍କର ପାଳକଙ୍କ ପାଖରେ ରୋଗୀମାନଙ୍କ ନିମନ୍ତେ ପ୍ରାର୍ଥନା କରିବା ହେତୁ ଠିକ୍ ସେହି ସମାନ ଅଧିକାର ରହିଛି । ସେମାନେ ତାହା କରନ୍ତି ନାହିଁ; ନା, ନିଶ୍ଚିତରେ ନୁହେଁ । ମାତ୍ର ସେମାନେ—ମାତ୍ର ସେମାନଙ୍କର ପାଖରେ ଠିକ୍ ସେହି ସମାନ ଅଧିକାର ରହିଛି, "ଏହି ଚିହ୍ନଗୁଡ଼ିକ ବିଶ୍ୱାସୀମାନଙ୍କର ଅନୁବର୍ତ୍ତୀ ହେବ ।"

164 ବର୍ତ୍ତମାନ ମୁଁ ମୋର ପାଳକ ବନ୍ଧୁମାନଙ୍କୁ ଏଠାରେ ଚାହୁଁଅଛି । (କଅଣ ତାହା ସବୁ ଠିକ୍ ଅଟେ, ଦର୍ଶକବୃନ୍ଦଙ୍କ ମଧ୍ୟରୁ ଡାକିବା...?...)

165 ଏଠାରେ କେତେ ଜଣ ପାଳକବୃନ୍ଦ ଅଛନ୍ତି ଯେଉଁମାନେକି ଆପଣାର ସମସ୍ତ ହୃଦୟ ସହିତରେ ବିଶ୍ୱାସ କରନ୍ତି, ଏଠାରେ ଥିବା ସେବକମାନେ, ବିଶ୍ୱାସ କରନ୍ତି? ଓଃ, ଆପଣମାନଙ୍କୁ ଧନ୍ୟବାଦ । ମୁଁ ଆଶ୍ଚର୍ଯ୍ୟ କରେ ଯଦି ଆପଣମାନେ ଛିଡ଼ା ହେବେ କି? ଏଠାକୁ ଆସନ୍ତୁ, ମୋ ସହିତ ମାତ୍ର ଗୋଟିଏ ମିନିଟ୍ ପାଇଁ ଛିଡ଼ା ହୁଅନ୍ତୁ, ଠିକ୍ ଏଠାରେ, ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ । ଠିକ୍ ଏଠାକୁ ଆସନ୍ତୁ । ତେବେ ଆପଣମାନେ ଆରୋଗ୍ୟ ସାଧନ ହେଉଥିବା ବିଷୟକୁ ଦେଖନ୍ତୁ, ଦେଖନ୍ତୁ ଯେ କ'ଣ ଘଟୁଅଛି ।

166 ମୁଁ ଚାହେଁ ଯେ ଆପଣ ଆସନ୍ତୁ, ଏଠାରେ ଏକ—ଏକ ଦ୍ୱିତୀୟ ପଂକ୍ତି ଗଠନ କରନ୍ତୁ । ମୁଁ ରୋଗୀମାନଙ୍କ ନିମନ୍ତେ ପ୍ରାର୍ଥନା କରିବାକୁ, ଅଳ୍ପ କିଛି କ୍ଷଣ ମଧ୍ୟରେ ସେଠାରେ ତଳକୁ ଆସୁଅଛି । ମୁଁ ସେହି ବିଶ୍ୱାସୀ ପାଳକମାନଙ୍କୁ ଚାହେଁ ଯେଉଁମାନେକି ନିଜକୁ ବିଶ୍ୱାସୀ ଭାବେ ପରିଚିତ କରାଇବାକୁ ଚାହାଁନ୍ତି, ଯେଉଁମାନେକି ବିଶ୍ୱାସ କରନ୍ତି, ଯେ ଆପଣମାନଙ୍କର ଏଠାକୁ ଆସିବା, ଆପଣମାନେ ଏକ ପବିତ୍ର, ନିର୍ମଳ ଜୀବନ ଯାପନ କରୁଛନ୍ତି । ମନେରଖନ୍ତୁ, ଏଠାରେ ଦେଖନ୍ତୁ ଯେ ଖ୍ରୀଷ୍ଟଙ୍କ ସୁସମାଚାରକୁ ପ୍ରତିନିଧିତ୍ୱ କରୁଥିବା, କେଉଁ ବିଷୟ ଏଠାରେ ବାହାରି ଆସୁଅଛି!

167 ଭାଇ ବ୍ଲେୟାର୍, ମୁଁ ଜାଣେ ଯେ ଆପଣ ସେଠାରେ ଅଛନ୍ତି, ଆପଣ କିମ୍ବା ଭାଇ ପ୍ୟାଟ୍ । କଅଣ ଆପଣ ସେହି ଦ୍ୱିତୀୟ ପଂକ୍ତି ଗଠନ କରିବେ କି ଯାହା ଆପଣ ସାଧାରଣତଃ କରିଥାଆନ୍ତି, ଯଦି ଆପଣ ଚାହିଁବେ, ଆପଣ ଏବଂ ଭାଇ ପ୍ୟାଟ୍ ।

168 ବିଶ୍ୱାସୀ ପାଳକମାନେ ଯେଉଁମାନେକି ବିଶ୍ୱାସ କରିବାକୁ ଯାଉଛନ୍ତି! ତେବେ ଦେଖନ୍ତୁ, ଯଦି ପରମେଶ୍ୱର ଆପଣାକୁ ନିଜ ବାକ୍ୟ ଦ୍ୱାରା, ନିଜ ବାକ୍ୟ ସହିତରେ, ଆପଣାକୁ ଏତେ ଅଧିକ ଭାବରେ ଚିହ୍ନିତ କରାଇପାରନ୍ତି, ତାହାହେଲେ କେତେ ଜଣ ଏହା ଜାଣନ୍ତି ଯେ ବାଇବଲ, ଯୀଶୁ ଏହା କହିଛନ୍ତି, "ଏହି ଚିହ୍ନଗୁଡ଼ିକ ବିଶ୍ୱାସ କରୁଥିବା ଲୋକମାନଙ୍କର

ଅନୁବର୍ତ୍ତୀ ହେବ। ଯଦି ସେମାନେ ରୋଗୀମାନଙ୍କ ଉପରେ ନିଜର ହାତ ରଖିବେ, ତେବେ ସେମାନେ ସୁସ୍ଥ ହୋଇଯିବେ”? ପାଳକବୃନ୍ଦ, ଆପଣମାନେ ନିଜକୁ ବିଶ୍ୱାସୀ ଭାବରେ ପରିଚିତ କରାଇବାକୁ ଏଠାକୁ ଆସିଛନ୍ତି। କଅଣ ଆପଣ ଅଟନ୍ତି? ଆପଣମାନେ ବିଶ୍ୱାସୀ ଅଟନ୍ତି (କଅଣ ଆପଣ ନୁହଁନ୍ତି କି?), ଆପଣ ଏଠାରେ ଛିଡ଼ା ହୋଇ ନ ଥାଆନ୍ତେ। ତେବେ ଯୀଶୁ କଅଣ କହିଥିଲେ? “ବିଶ୍ୱାସ କରୁଥିବା ଲୋକମାନଙ୍କର ଏହି ଚିହ୍ନଗୁଡ଼ିକ ଅନୁବର୍ତ୍ତୀ ହେବ।” ମୁଁ ଆପଣମାନଙ୍କ ସହିତରେ ଜଣେ ବିଶ୍ୱାସୀ ଅଟେ।

169 ମୁଁ ତଳକୁ ଆସୁଛି। ଏମାନେ ଆମର ଲୋକମାନେ ଅଟନ୍ତି, ଏବଂ ଆମେମାନେ ଏହି ମେଷପଲ ଉପରେ ମେଷପାଳକ ଅଟୁ। ମୁଁ ବର୍ତ୍ତମାନ ଆପଣମାନଙ୍କ ସହିତରେ ମୋର ଜାଲ ବିସ୍ତାର କରିବାକୁ ଆସୁଅଛି, ଆପଣମାନଙ୍କ ସହିତରେ ମୋର ହାତ ରଖିବାକୁ ଆସୁଅଛି। ଏବଂ ଯେତେବେଳେ ଏହି ଲୋକମାନେ ଆସନ୍ତି, ଯଦି ଆପଣମାନଙ୍କ ମନରେ ଏପରି କିଛି ଅଳ୍ପ ଏକ ସନ୍ଦେହଜନକ ବିଷୟ ରହିଥାଏ, ତେବେ ତାହାକୁ ବର୍ତ୍ତମାନ ହିଁ ବାହାର କରି ଦିଅନ୍ତୁ; ଯେପରିକି ଯେତେବେଳେ ଏହି ଲୋକମାନେ ଆସନ୍ତି, ସେତେବେଳେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ଆସିବା ଦ୍ୱାରା, ଏବଂ ଆମେମାନେ ସେମାନଙ୍କ ଉପରେ ହାତ ରଖିବା ଦ୍ୱାରା, ସେମାନେ ସୁସ୍ଥ ହୋଇଯିବେ। ତେବେ କଅଣ ଆପଣମାନେ ସମସ୍ତେ, ନିଜର ସମ୍ପୂର୍ଣ୍ଣ ହୃଦୟ ସହିତ ବିଶ୍ୱାସ କରିବେ କି?

170 ତେବେ କେତେ ଜଣ ଏଠାରେ ଅଛନ୍ତି ଯେଉଁମାନେକି ଅନ୍ୟମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଯାଉଛନ୍ତି ଯେତେବେଳେ ସେମାନେ ଏହି ପଂକ୍ତି ଦେଇ ଗମନ କରନ୍ତି, ନିଜର ହାତ ଉଠାନ୍ତୁ, “ମୁଁ ପ୍ରାର୍ଥନା କରୁଥିବି।”

171 ମନେରଖନ୍ତୁ, ହୋଇପାରେ ଯେ ଆପଣଙ୍କର ପିତା, ଆପଣଙ୍କର ମାତା, ଆପଣଙ୍କର ଝିଅ କିମ୍ବା ପୁଅ, ଭଉଣୀ କିମ୍ବା ଭାଇ ହୋଇଥାଆନ୍ତି। ଆଉ ଯଦି ଏହା ଆପଣଙ୍କର ନୁହେଁ, ଏହା ଅନ୍ୟ କାହାରିର ଅଟେ, ଯିଏକି ଏହି ପଂକ୍ତି ଦେଇ ଆସିବାକୁ ଯାଉଛନ୍ତି। ତେବେ କଅଣ ହୁଏ ଯଦି ଏହା ସେମାନେ ହୋଇଥାଆନ୍ତି, ଏବଂ ସେମାନେ କର୍କଟ, କିମ୍ବା କୌଣସି ଘୃଣ୍ୟ ରୋଗରେ ମରୁଥାଆନ୍ତି, କଅଣ ଆପଣ ସେହି ପୁରୁଷମାନେ ଅତ୍ୟଧିକ ନିଷ୍ଠାପର ହୁଅନ୍ତୁ ବୋଲି ଚାହିଁବେ ନାହିଁ କି? ନିଶ୍ଚିତ ଭାବରେ, ଆମେ ତାହା ଚାହିଁବୁ।

172 ତେବେ, ମୁଁ ଭାବୁଛି, ଆପଣମାନେ କିପରି ଭାବରେ କରିବାକୁ ଯାଉଛନ୍ତି...ବର୍ତ୍ତମାନ ଏଠାରେ *ଏହି* ଧାଡ଼ିରେ ଥିବା, ଏହି ଗଳିପଥରେ ଥିବା ଏମାନେ, ପ୍ରାର୍ଥନା କାର୍ଡ଼ ସହିତରେ, *ସେହି* ପାର୍ଶ୍ୱରେ ଛିଡ଼ା ହୋଇଯାଆନ୍ତୁ। ଡାହାଣ ବିଭାଗରେ ଥିବା ସମସ୍ତେ, ସେହି ପାର୍ଶ୍ୱରେ ଯାଇ ଛିଡ଼ା ହୋଇଯାଆନ୍ତୁ। ବର୍ତ୍ତମାନ, ସେହି ପଥ, ବାମ ବିଭାଗ ଟିକେ ରୁହନ୍ତୁ; ଆମର ସବୁ ମାର୍ଗ ଅବରୋଧ ହୋଇଯାଇଛି, ଆପଣ ଦେଖନ୍ତୁ, ଏବଂ ଆପଣମାନେ ଜାଣନ୍ତି ନାହଁ ଯେ କିପରି, ଆମେମାନେ କ'ଣ କରୁଅଛୁ। ଠିକ୍ ଅଛି, *ଏହି* ବିଭାଗରେ ଥିବା ସମସ୍ତେ, *ଏଠାରେ*

ଛିଡ଼ା ହୋଇଯାଆନ୍ତୁ । ବର୍ତ୍ତମାନ, ଡାହାଣ-ହାତର ପାର୍ଶ୍ୱରେ ଥିବା ସମସ୍ତେ, ଠିକ୍ ଏହି ପଥ ଦେଇ ଆସନ୍ତୁ, କାରଣ ଆପଣମାନେ ତଳକୁ, ବୁଲିକରି ଆସିବାକୁ ଯାଉଛନ୍ତି ।

173 ଏବଂ ଭାଇ ବୋର୍ଡର୍ସ୍, ଆପଣ କିପରି ଯାଉଛନ୍ତି, ସେମାନେ କିପରି ବାହାରିବାକୁ ଯାଉଛନ୍ତି? ଠିକ୍ ପାର୍ଶ୍ୱ ଦ୍ୱାରରୁ ବାହାରି ଯାଇ, ଚାରିପାଖ ବୁଲି ଆଉ ପୁଣିଥରେ ଭବନରେ ପ୍ରବେଶ କରିବାକୁ ଯାଉଛନ୍ତି ।

174 ଏଣୁ, ଯେତେବେଳେ *ଏହି* ପାର୍ଶ୍ୱକୁ ଡକାଯିବ, ଅଳ୍ପ କିଛି ମିନିଟ୍ ମଧ୍ୟରେ, ଏବଂ ସେମାନେ ଛିଡ଼ା ହୋଇଯିବେ । ଆଉ ବର୍ତ୍ତମାନ ଆସନ୍ତୁ ଦେଖିବା ଯେ କଅଣ...ଠିକ୍ ଅଛି, *ଏହି* ବିଭାଗରେ ଥିବା ସେହି ଲୋକମାନେ, ଏଠାରେ ଏହି ପଟକୁ ବୁଲି ଯାଆନ୍ତୁ । ନିଜର ପ୍ରାର୍ଥନା କାର୍ଡ଼ଗୁଡ଼ିକୁ ଧରି ରଖିଥାଆନ୍ତୁ, ଏହି ପାର୍ଶ୍ୱକୁ ଆସି ଯାଆନ୍ତୁ । ଏବଂ ବାଲକୋନୀରେ ଥିବା ଆପଣମାନେ, ଠିକ୍ ତଳକୁ ଓହ୍ଲାଇ ଆସି ସେଠାରେ ସେହି ଧାଡ଼ିର ଶେଷରେ ସେମାନଙ୍କ ସହିତ ଯୋଗ ହୋଇଯାଆନ୍ତୁ । ତେବେ ଏହି ବାମ-ହାତ ବିଭାଗରେ ଥିବା ସେହି ଲୋକମାନେ, ବାମ-ହାତ ପାର୍ଶ୍ୱକୁ ଚାଲି ଯାଆନ୍ତୁ । ଏବଂ ତାହାପରେ, ଆପଣ ଦେଖନ୍ତୁ, ଆପଣମାନେ ନିଜର ପଂକ୍ତି ଗଠନ କରନ୍ତୁ ଓ *ସେହି* ପଥରୁ ପଛକୁ ଫେରିଯାଆନ୍ତୁ; ପଛକୁ ବୁଲି ଯାଆନ୍ତୁ, *ସେହି* ଆଡ଼କୁ ବୁଲି ପଡ଼ନ୍ତୁ । ବୁଝିଲେ? ଆଉ ଆପଣମାନେ ଠିକ୍ ସେହି ପଂକ୍ତିକୁ ଅନୁସରଣ କରିବେ, ତେବେ ଆମର ଆଉ ଆଦୌ କୌଣସି ମିଶା ଗୋଳା ହେବ ନାହିଁ ।

175 ଏବଂ ତା'ପରେ ଆପଣମାନେ ଯେଉଁମାନେକି ବାଲକୋନୀରେ ଅଛନ୍ତି, ଆପଣମାନେ ଠିକ୍ ଗଳିପଥରେ ନିଜର ସ୍ଥାନଗୁଡ଼ିକୁ ଆସି ଯିବେ, ଆଉ ଯେତେବେଳେ ସେମାନେ ଆସନ୍ତି ଆପଣ ଠିକ୍ ସେଥିରେ ଯୋଗ ହୋଇଯିବେ ।

176 ତେବେ, ବର୍ତ୍ତମାନ କେବଳ ପଛକୁ ଚାଲିବା ଆରମ୍ଭ କରନ୍ତୁ, ପ୍ରତ୍ୟେକ ଜଣ, ଠିକ୍ ପଛକୁ ଚାଲୁ ଥାଆନ୍ତୁ ଯେପର୍ଯ୍ୟନ୍ତକି ଆପଣ ଏହି ପଂକ୍ତିକୁ *ଏଠାରେ* ସାକ୍ଷାତ ନ କରି ନିଅନ୍ତି । ଠିକ୍ ଏପାଖରୁ, *ଏଠାରେ* ଉପରକୁ ବୁଲିକରି ଆସନ୍ତୁ, ଠିକ୍ ଏପାଖରୁ ଚାଲିକରି ବୁଲିବା ଆରମ୍ଭ କରନ୍ତୁ ଆଉ ଠିକ୍ *ଏଠାରେ* ଏହି ପଂକ୍ତି ପାଖକୁ ଆସନ୍ତୁ ।

177 ଓଃ, ତେବେ କଅଣ ଘଟିପାରେ! କଅଣ ହୋଇପାରେ! ଏହା ତ ଏକ ଏପରି ସମୟ ହେବାକୁ ଯାଉଅଛି ଯେଉଁଠାରେକି କିଛି ଗୋଟାଏ ଘଟିବା ଉଚିତ୍ । ଠିକ୍ ଅଛି ।

178 ବର୍ତ୍ତମାନ, ତାହା ଠିକ୍ ଅଟେ, *ସେହି* ପଥରୁ ଠିକ୍ ବୁଲିକରି ଫେରିଯାଆନ୍ତୁ, ଏବଂ ସେହି ପଂକ୍ତିରେ ମିଶି ଯାଆନ୍ତୁ, ଠିକ୍ ସେହିପରି ଭାବରେ । ଏହି ଗଳିପଥର ଠିକ୍ ଚାରିପାଖ ଦେଇ ଯାଆନ୍ତୁ । ତେବେ ତାହା ହିଁ ପଥ ଅଟେ ।

179 ଆଉ ବର୍ତ୍ତମାନ ଯେତେବେଳେ ଆପଣମାନେ ଛିଡ଼ା ହୋଇଛନ୍ତି, ସମସ୍ତେ ନିଜ ନିଜର ପାଦ ଉପରେ, ଆମେମାନେ ପ୍ରାର୍ଥନା ଅର୍ପଣ କରିବାକୁ ଯାଉଛୁ । ଆଉ ଏହି ମଣ୍ଡଳୀ ମୋ ସହିତ ପ୍ରାର୍ଥନା କରିବାକୁ ଯାଉଛନ୍ତି, ଯେ ଆପଣମାନେ ଭଲ ହେବାକୁ ଯାଉଛନ୍ତି । ବର୍ତ୍ତମାନ କେବଳ ବିଶ୍ୱାସ ରଖିଥାଆନ୍ତୁ । ଏବଂ କରନ୍ତୁ ନାହିଁ...

180 ଠିକ୍ ବୁଲିକରି ଆସନ୍ତୁ, ଠିକ୍ ପଛରୁ ନେଇ, ଠିକ୍ ବୁଲିକରି ଆସନ୍ତୁ ଏବଂ ଏଠାରେ ଏହି ପଂକ୍ତି ସହିତ ପଛରେ ଯୋଗ ଦିଅନ୍ତୁ । ଠିକ୍ ବୁଲିକରି ଆସନ୍ତୁ, ଗୋଟିଏ ବଡ଼ ପଂକ୍ତି ତିଆରି କରନ୍ତୁ । ଠିକ୍ ସେହି ପଥରୁ ବୁଲିକରି ଆସନ୍ତୁ, ଏବଂ ଗୋଟିଏ ପଂକ୍ତି ତିଆରି କରନ୍ତୁ । ତାହାହିଁ ଏହା ଅଟେ ।

181 ସମସ୍ତେ ପ୍ରାର୍ଥନାରେ ରୁହନ୍ତୁ । ବର୍ତ୍ତମାନ ପ୍ରକୃତରେ ବିଶ୍ୱାସରେ ରହିଥା'ନ୍ତୁ । ତେବେ ଭୀଡ଼କୁ ବର୍ତ୍ତମାନ ଧ୍ୟାନ ଦିଅନ୍ତୁ ନାହିଁ । ମନେରଖନ୍ତୁ, ଆମେମାନେ—ଆମେମାନେ ଯୀଶୁ ଖ୍ରୀଷ୍ଟଙ୍କର ଉପସ୍ଥିତି ଦ୍ୱାରା ଆବଦ୍ଧ ଅଟୁ, ଏବଂ ତାହାଙ୍କ ବାକ୍ୟରେ ବିଶ୍ୱାସ କରିବା ଦ୍ୱାରା, ଆମମାନଙ୍କ ମଧ୍ୟରେ ଯାହା ସେ କରିଛନ୍ତି ତାହାକୁ ସମ୍ମାନ କରିବା ପାଇଁ ଆମ ଉପରେ ନିର୍ଭର କରନ୍ତି ।

182 ତାହା ଉତ୍ତମ ଅଟେ । ତେବେ ତାହା ଠିକ୍ ଉତ୍ତମ ହିଁ ହେବ । ମୁଁ ଭାବେ ସେହି ଧାଡ଼ିଟି ବଡ଼ ଆଶ୍ଚର୍ଯ୍ୟଜନକ ଭାବେ ପ୍ରସ୍ତୁତ ହେଉଅଛି ।

183 ବର୍ତ୍ତମାନ ଯେତେବେଳେ ସେମାନେ ସମସ୍ତେ ଛିଡ଼ା ହୋଇଛନ୍ତି, ମୁଁ ଚାହେଁ ଯେ ଭବନରେ ଥିବା, ପ୍ରତ୍ୟେକ ବ୍ୟକ୍ତି, ନିଜର ମସ୍ତକ ନତ କରନ୍ତୁ ।

184 ପ୍ରଭୁ ଯୀଶୁ, ଏହା ଶୀଘ୍ର ଘଟିବାକୁ ଅଛି । ସେହି ନିଷ୍ପତ୍ତିକୁ ଠିକ୍ ବର୍ତ୍ତମାନ ହିଁ ନେବାକୁ ଅଛି । କଅଣ ଆମେମାନେ ବିଶ୍ୱାସ କରିବା ଯେ ତୁମେ ଏଠାରେ ଅଛ? କଅଣ ଆମେମାନେ ତୁମକୁ ପ୍ରେମ କରୁ? ପ୍ରଭୁ, କଅଣ ଆମେମାନେ ଯାହା ମାଗିବାକୁ ଯାଉଛୁ, ସେଥିପାଇଁ ଆମର ଯଥେଷ୍ଟ ବିଶ୍ୱାସ ଅଛି କି? ଏହି ଲୋକମାନେ ଧାଡ଼ିରେ ଛିଡ଼ା ହେବା ଦ୍ୱାରା ନିଜକୁ ଚିହ୍ନିତ କରାଉ ଅଛନ୍ତି । ହେ ପ୍ରଭୁ, ଏହା ଯେପରି ବୃଥା ନ ହେଉ । ହେ ପ୍ରଭୁ, ଏହା ସେପରି ହେଉ, ଯେ ସେମାନେ ଯେବେ ଏହା ଦେଇ ଗମନ କରନ୍ତି, ପ୍ରତ୍ୟେକେ ସେହିପରି ଭାବରେ ଗମନ କରିବେ ଯେପରିକି ସେମାନେ ଖ୍ରୀଷ୍ଟଙ୍କ ତଳେ ଦେଇ ଗମନ କରିଥିଲେ, କାରଣ ଆମେମାନେ ଜାଣୁ ଯେ ସେ ଏଠାରେ ଅଛନ୍ତି । ଆଉ ଆମେମାନେ ପ୍ରାର୍ଥନା କରୁ ଯେ ସେମାନେ ସେମାନଙ୍କର ସୁସ୍ଥତା ଗ୍ରହଣ କରିବେ । ମୁଁ ନିଶ୍ଚିତ ଅଟେ ଯେ ଆଗାମୀ ସପ୍ତାହମାନଙ୍କରେ ଏବଂ ଆସିବାକୁ ଥିବା ସପ୍ତାହମାନଙ୍କରେ ସୁଦ୍ଧା, ଏହି ଲୋକମାନେ ସେମାନଙ୍କର ପାଳକମାନଙ୍କ ନିକଟକୁ ଯିବେ, ସେହି ମହିଳାମାନେ ଯେଉଁମାନଙ୍କରକି ସ୍ତ୍ରୀ ସମସ୍ୟା ଥିଲା, ପେଟ ଜନିତ ସମସ୍ୟା ଥିଲା, ପୁରୁଷମାନେ ଯେଉଁମାନଙ୍କରକି ପୁରଃସ୍ଥ ଗ୍ରନ୍ଥିର ସମସ୍ୟା ଥିଲା, ସମସ୍ତ ପ୍ରକାରର ସମସ୍ୟାମାନ ଥିଲା, ଭଲ ହୋଇଯିବେ, ଓ କହିବେ, "ଆପଣ ଜାଣନ୍ତି, ସେହି ବିଷୟଟି ମୋତେ ଠିକ୍ ଛାଡ଼ି ଚାଲିଗଲା," କାରଣ ସେମାନେ ତୁମର ଉପସ୍ଥିତିରେ ଅଛନ୍ତି । ଏହା ହେଉ ଯେ ସେମାନେ ବର୍ତ୍ତମାନ ତାହା ଦେଇ ଆସନ୍ତୁ ଏବଂ—ଏବଂ ଏହାକୁ ଟାଣି ନିଅନ୍ତୁ ଯାହା ପାଇଁ ତୁମେ ମୃତ୍ୟୁବରଣ କରିଅଛ । ସେମାନେ ଅବ୍ରହାମଙ୍କ ବଂଶ ଅଟନ୍ତି, ଏବଂ ତୁମେ ସେମାନଙ୍କ ପାଇଁ ଜୟ କରିଅଛ । ଏହା ହେଉ ଯେ ସେମାନେ ଆସନ୍ତୁ ଓ ତାହା ଗ୍ରହଣ କରନ୍ତୁ ଯାହା ତୁମେ ସେମାନଙ୍କୁ ଦେଇଅଛ ।

185 ଆଉ, ଶୟତାନ, ତୁ ଏହି ସପ୍ତାହରେ ଏତେ ଉନ୍ମୋଚିତ ହୋଇଅଛୁ, ଏପରିକି ସୁଦ୍ଧା ତୁ ଜାଣୁ ଯେ ତୁ ଏକ ପରାଜିତ ପ୍ରାଣୀ ଅଟୁ। ଯୀଶୁ ଖ୍ରୀଷ୍ଟ କାଲଵରୀଠାରେ ତୋତେ ପରାସ୍ତ କରିଥିଲେ। ଆମର ଧାର୍ମିକତା ନିମନ୍ତେ, ସେ ତୃତୀୟ ଦିନରେ ଉତ୍ଥିତ ହେଲେ, ଏବଂ ସେ ବର୍ତ୍ତମାନ ଆମମାନଙ୍କ ମଧ୍ୟରେ ଛିଡ଼ା ଅଟନ୍ତି। ଆଉ ଆମର ବିଶ୍ୱାସ ତାହାଙ୍କ ଆଡ଼କୁ ଚାହେଁ, ଏବଂ ତୋ ଠାରୁ କିମ୍ବା ତୁ କରିଥିବା ଯେକୌଣସି ବିଷୟଠାରୁ ଦୂରକୁ ଚାହେଁ। ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏହି ଲୋକମାନଙ୍କୁ ଛାଡ଼ି ଦେ।

186 [ଟେପ୍‌ରେ ରିକ୍ତ ସ୍ଥାନ—ଅନୁ]...?...ଆମେ ଠିକ୍ ତାହାହିଁ କରିଅଛୁ ଯେପରିକି ଗୁରୁ ଆମମାନଙ୍କୁ ତାହା କରିବା ପାଇଁ ଆଦେଶ ଦେଇଥିଲେ। ଆପଣମାନଙ୍କ ମଧ୍ୟରୁ କେତେ ଜଣ ଯେଉଁମାନେକି ସେହି ପଂକ୍ତି ଦେଇ ଗଲେ, ଏହା ବିଶ୍ୱାସ କଲେ ଯେ ଆପଣ ଭଲ ହେବାକୁ ଯାଉଛନ୍ତି, ନିଜର ହାତ ଉଠାନ୍ତୁ। ମୁଁ ଆପଣମାନଙ୍କ ସହିତ ମୋ ନିଜକୁ ମିଶାଉଅଛି।

187 ଆମେମାନେ ଯାହା ସେଠାରେ କରୁଥିଲୁ, ଅବଶେଷରେ, ସେଠାରେ ସେବକମାନଙ୍କର ଏକ ସମୂହ ଭାବରେ; ସେମାନଙ୍କ ମଧ୍ୟରୁ ଅନେକେ ଅସୁସ୍ଥ ଥିଲେ, ମୁଁ ତାହା ଜାଣିଥିଲି, ମାତ୍ର ସେମାନେ ସେମାନଙ୍କର ମଣ୍ଡଳୀକୁ ଭିତରକୁ ଆଣିବା ପାଇଁ ସେମାନଙ୍କର ଉଦ୍ୟମ କରିବା ହେତୁ ଚେଷ୍ଟା କରୁଥିଲେ, ସେମାନେ ଭିତରକୁ ଆସନ୍ତୁ କିଅବା ନ ଆସନ୍ତୁ। ତାହା ହେଉଛି ପ୍ରକୃତ ମେଷପାଳକମାନ। ଆଉ ପବିତ୍ରଆତ୍ମା ମୋତେ କହିଲେ, "ସେମାନଙ୍କୁ ପରସ୍ପର ସହିତ ହାତ ମିଶାଇବାକୁ ବାଧ୍ୟ କର।" ଆମେମାନେ ଆମର ହୃଦୟଗୁଡ଼ିକୁ ଏବଂ ଜାଲଗୁଡ଼ିକୁ ଏକାଠି, ଏବଂ ଆମର ପ୍ରାର୍ଥନାଗୁଡ଼ିକୁ, ଏକତ୍ର ବାନ୍ଧିଲୁ।

188 ଯୀଶୁ, ସେମାନଙ୍କୁ ମଧ୍ୟ, ସୁସ୍ଥ କରନ୍ତୁ। ଏବଂ ସେମାନଙ୍କୁ ପ୍ରଭୁଙ୍କ ବାକ୍ୟରେ ଶକ୍ତିଯୁକ୍ତ, ଶକ୍ତିଶାଳୀ ମେଷପାଳକମାନ କରନ୍ତୁ।

189 ମୋର ଭାଇମାନେ, ଏହା ହେଉ ଯେ ପରମେଶ୍ୱର, ସେ ଆପଣମାନଙ୍କୁ ଆପଣଙ୍କର ହୃଦୟର ସମସ୍ତ ଇଚ୍ଛା ପ୍ରଦାନ କରନ୍ତୁ। ଏହା ହେଉ ଯେ ଆପଣ ତାହାଙ୍କୁ ସମସ୍ତ ଦିନ ସେବା କରନ୍ତୁ, ଏବଂ ଏହି ଉତ୍ତମ ଲୋକମାନଙ୍କର ସମୂହକୁ ସେବା କରିବା ନିମନ୍ତେ, ଆପଣଙ୍କ ଜୀବନଗୁଡ଼ିକରେ ପରମେଶ୍ୱରଙ୍କ ଶକ୍ତି ରଖିଥା'ନ୍ତୁ। ହେବାକୁ ଦିଅ ଯେ ଯୀଶୁ ଖ୍ରୀଷ୍ଟ, ଯିଏକି ଆମ ସହିତରେ ରହି ଆସିଛନ୍ତି ଏବଂ ସର୍ବଦା ଆପଣଙ୍କ ସହିତରେ ରହିଥାଆନ୍ତି, ଏହା ହେଉ ଯେ ସେ ନିଜକୁ ଆପଣଙ୍କଠାରେ ଆହୁରି ଅଧିକ ସ୍ପଷ୍ଟଭାବେ ପ୍ରତିଷ୍ଠିତ କରନ୍ତୁ ଯେତିକି ସେ ଆଗରୁ କେବେ କରିଥିଲେ।

190 ଆପଣ ଲୋକମାନେ, ଆପଣମାନଙ୍କ ମଧ୍ୟରୁ କେତେକ ଯେଉଁମାନେକି ଅପଙ୍ଗ ଅଟନ୍ତି, ଆପଣ ହୁଏତ କିଛି ସମୟ ପାଇଁ କୌଣସି ପାର୍ଥକ୍ୟ ଦେଖି ନ ପାରନ୍ତି, ଆପଣ କୌଣସି ପାର୍ଥକ୍ୟ ଦେଖି ନ ପାରନ୍ତି। ଦେଖନ୍ତୁ ଯେ ଅବ୍ରହାମ କଅଣ କରିଥିଲେ। ଏଥିରେ କୌଣସି ଫରକ ପଡ଼େ ନାହିଁ ସେ ଯାହାକିଛି ହେଉ; ଏହା ତ ତାହା ନୁହେଁ ଯାହାକି ଆପଣ ଦେଖୁଅଛନ୍ତି। ଆପଣ ନିଜର ଲକ୍ଷଣଗୁଡ଼ିକୁ ଦେଖନ୍ତି ନାହିଁ। ତାହାକୁ ଦେଖନ୍ତୁ ଯାହା ସେ କହିଛନ୍ତି। ଯଦି

ଆପଣ କହନ୍ତି, "ମୁଁ ତଥାପି ଯନ୍ତ୍ରଣା ଅନୁଭବ କରୁଛି," ଏହାର ତାହା ସହିତ କୌଣସି ସମ୍ବନ୍ଧ ନାହିଁ। ଆପଣ ତ ତାହା କରିଛନ୍ତି ଯାହା ପରମେଶ୍ୱର କରିବା ପାଇଁ କହିଲେ। ଦେଖନ୍ତୁ, ତାହା ଆଡ଼େ ଅନାନ୍ତୁ ନାହିଁ। ସେ ଯାହା କହିଛନ୍ତି ତାହା ଆଡ଼େ ଦେଖନ୍ତୁ। ପରମେଶ୍ୱର କହିଛନ୍ତି ଏହା ସେହିପରି ଅଟେ! ମୁଁ ତାହା ବିଶ୍ୱାସ କରେ। କଅଣ ଆପଣ କରନ୍ତି ନାହିଁ କି? ମୋର ସମ୍ପୂର୍ଣ୍ଣ ହୃଦୟ ସହିତ, ମୁଁ ତାହା ବିଶ୍ୱାସ କରେ।

191 ପ୍ରଭୁ ପରମେଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ଯେପର୍ଯ୍ୟନ୍ତକି ମୁଁ ଆପଣମାନଙ୍କୁ ଆଉ ଥରେ ପୁନର୍ବାର ଦେଖେ ନାହିଁ। ମୋର ପ୍ରାର୍ଥନା ଆପଣମାନଙ୍କ ପାଇଁ ଅଟେ; ରାତି ଅତ୍ୟଧିକ ଅନ୍ଧକାର ହେବ ନାହିଁ, ବର୍ଷା ଅଧିକ କଠିନ ହେବ ନାହିଁ। ମୁଁ ଆପଣମାନଙ୍କ ପାଇଁ ପ୍ରାର୍ଥନା କରୁଥିବି। ଆପଣମାନେ ମୋ ପାଇଁ ପ୍ରାର୍ଥନା କରିବେ। ଯେପର୍ଯ୍ୟନ୍ତକି ଆମେମାନେ ପୁନର୍ବାର ସାକ୍ଷାତ ନ ହେଉ, ପରମେଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ। ବର୍ତ୍ତମାନ ପାଳକତ୍ୱ କରୁଥିବା ଭାଇ, ଦେଖନ୍ତୁ।

***ପରୀକ୍ଷା ପରେ ଶତ୍ରୁର ଫାଟକକୁ ଅଧିକାର କରିବା*** ORI64-0322

(Possessing The Gate Of The Enemy After Trial)

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ମାର୍ଚ୍ଚ 22, 1964, ରବିବାର ଅପରାହ୍ନରେ, ଯୁକ୍ତରାଷ୍ଟ୍ର ଆମେରିକାର, ଲୁଇସିୟାନା ପ୍ରଦେଶର, ଡେନ୍‌ହମ୍ ସ୍ପ୍ରିଙ୍ଗସ୍ ସହରର ଡେନ୍‌ହମ୍ ସ୍ପ୍ରିଙ୍ଗସ୍ ହାଇ ସ୍କୁଲଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2021 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org